CMYK

- Vol.- 46, Issue No. 173
- Tuesday, 22 September 2026
- ମଙ୍ଗଳବାର, ୨୨ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଆଜିଠୁ ଜମିବ ମୌସୁମୀ ଅଧିବେଶନ


- ଏକାଧିକ ପ୍ରସଙ୍ଗକୁ ନେଇ ଘେରିବେ ବିରୋଧୀ
- ସରିଲା ସର୍ବଦଳୀୟ ବୈଠକ
- ଗୃହ ଚାଲିବା ପାଇଁ ସହଯୋଗ ଲୋଡ଼ିଲେ ବାଚସ୍ପତି
- ଅଧିବେଶନରେ ୬ ବିଲ୍ ଆସିବ: ସଂସଦୀୟ ବ୍ୟାପାର ମନ୍ତ୍ରୀ

ଭୁବନେଶ୍ୱର, ୨୧।୯(ନିପ୍ର): ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀ ଅଧିବେଶନ ଚାଲିବ । ମୋଟ ୯ଟି କାର୍ଯ୍ୟଦିବସ ରହିବ। ଏହି ଅଧିବେଶନ ବେଶ୍ ସରଗରମ ରହିପାରେ। ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛନ୍ତି । ବିଧାନସଭାର ସପ୍ତମ ଅଧିବେଶନ ଅବ୍ୟବହିତ ପୂର୍ବରୁ ଓଡ଼ିଶା ବିଧାନସଭାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗ ଦେଇଥିଲେ । ବୈଠକରେ ବିଧାନସଭାର ଆଗାମୀ ଅଧିବେଶନ କିଭଳି ଭାବେ ସୁଚାରୁ ରୂପେ ଚାଲି ପାରିବ ସେ ନେଇ ଆଲୋଚନା କରାଯାଇଛି । ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ସୁଚାରୁ ରୂପେ ଚାଲିବା ପାଇଁ ସମସ୍ତ ରାଜନୈତିକ



ଦଳମାନଙ୍କର ସହଯୋଗ କାମନା କରିଛନ୍ତି । ଅଧିବେଶନରେ ୬ଟି ବିଲ୍ ଆସିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏମଏମଡିଆର କିମ୍ବା ଅନ୍ୟ ଯେଉଁ ପ୍ରଶ୍ନ ବିରୋଧୀ ଆଣିବେ ଆଲୋଚନା ହେବ। ବାଚସ୍ପତି ଯାହା ନିଷ୍ପତ୍ତି ନେବେ ସେହି ଅନୁଯାୟୀ ଆଲୋଚନା ହେବ। ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେକୌଣସି ଆଲୋଚନା ହେବ ବୋଲି କହିଛନ୍ତି ମୁକେଶ ମହାଲିଙ୍ଗ। ଏମଏମଡିଆର ସଂଶୋଧନ, ବହି ତ୍ରୁଟି, ବନ୍ୟା ପରିଚାଳନା, ଆଇନ ଶୃଙ୍ଖଳା, ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା, ଦୁଇ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ସମ୍ଭାବ୍ୟ ଶୁଳ୍କ ଧାର୍ଯ୍ୟ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଚାଷୀ ସମସ୍ୟା କୁ ପ୍ରମୁଖ ପ୍ରସଙ୍ଗ ଭାବେ ବିଧାନସଭାରେ ବିରୋଧୀ ଉଠାଇବେ ବୋଲି କୁହାଯାଉଛି। ବିଜେଡି ୭ ଟି ପ୍ରସଙ୍ଗ ଉଠାଇବ ବୋଲି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଥିବା ପ୍ରକାଶ। ସପ୍ତଦଶ

# ‘ବାତ୍ୟା ନୁହେଁ, ଆସୁଛି ବଡ଼ ବର୍ଷା’



- ★ ରହିବ ଗଭୀର ଅବପାତର ପ୍ରଭାବ
- ★ ୨୩, ୨୪ରେ ପ୍ରବଳ ବର୍ଷିପାରେ
- ★ ୨୪ ପର୍ଯ୍ୟନ୍ତ କନ୍ଧମାଳ କଳିଙ୍ଗା ଘାଟିରେ ଯାତାୟାତ ବନ୍ଦ
- ★ ୧୧ ଜିଲା ଉପରେ ପଡ଼ିବ ପ୍ରଭାବ

ଭୁବନେଶ୍ୱର, ୨୧।୯: ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପକୁ ନେଇ ବଡ଼ ସୂଚନା ଆସିଛି । ଏହା ଗଭୀର ଅବପାତର ରୂପ ନେବା ସମ୍ଭାବନା ଥିବାବେଳେ ବାତ୍ୟାର ଆଶଙ୍କା ନଥିବା ସୂଚନା ମିଳିଛି । ସୋମବାର ରାତି ପ୍ରାୟ ୧୦ଟା ସୁଦ୍ଧା ପୁରୀଠାରୁ ୩୧୦ କିମି ଦୂରରେ ଅବପାତ ସୃଷ୍ଟି ହୋଇଛି। ୨୪ ତାରିଖ ସକାଳ ବେଳକୁ ଏହା ଗୋପାଳପୁର-ବିଶାଖାପାଟଣାଠାରେ ସ୍ଥଳଭାଗ ଛୁଇଁବ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି । ଗଭୀର ଅବପାତ ପ୍ରଭାବରେ ୧୧ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୨୨ରୁ ୨୪ ତାରିଖ ଯାଏଁ ସ୍ଥିତି ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଇଏମଡି ସୂତ୍ରରୁ ପ୍ରକାଶ। ଏନେଇ ଦକ୍ଷିଣାଞ୍ଚଳ ଓ ଉପକୂଳ ଜିଲ୍ଲାର ଜିଲ୍ଲାପାଳଙ୍କୁ ଆଲର୍ଟ କରାଯାଇଛି । ବଙ୍ଗୋପସାଗରର ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ଅଞ୍ଚଳରେ ରହିଥିବା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ପରବର୍ତ୍ତୀ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ, ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୩ ତାରିଖ ସକାଳେ ଉତ୍ତର ଆନ୍ଧ୍ରପ୍ରଦେଶ, ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲାରେ ୨୨ରୁ ବର୍ଷା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଗଭୀର ଅବପାତର ସମ୍ଭାବନା ରହିଛି। ସମୁଦ୍ରକୂଳ ଅଞ୍ଚଳରେ ସେହି ସମୟରେ ୪୫-୫୫ କିଲୋମିଟର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପ୍ରାୟ ୭୦ କିମି. ବେଗରେ ପବନ ବହିବାର ସମ୍ଭାବନା ଅଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହା କୁହାଯାଇଛି। ଏସଆରସିଙ୍କ ପକ୍ଷରୁ କୁହାଯାଇଛି, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ବିଦ୍ୟୁତ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ୍ରାଫ୍ ଏବଂ ଏନଡିଆରଏଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି । ଏସଆରସିଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆବଶ୍ୟକ ସତର୍କତା ଓ ପ୍ରସ୍ତୁତି ନିଶ୍ଚିତ କରାଯିବ। ସମସ୍ତ ମତ୍ସ୍ୟଜୀବୀଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରୁ ମିଳିଥିବା ସୂଚନାନୁସାରେ, ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ସୁନିଶ୍ଚିତ କରିବାକୁ କୁହାଯାଇଛି। ଗଂଜାମ, ଗଜପତି ଓ ମାଲକାନଗିରି ପ୍ରଭୃତି ଜିଲ୍ଲାପାଳ ତଥା ଏଡିଏମ୍ ମାନଙ୍କ ସହିତ ଆଲୋଚନା କରି ସ୍ଥିତି ସଂପର୍କରେ ସେ ସମୀକ୍ଷା କରିଥିଲେ । ସମ୍ଭାବ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ସଂପୃକ୍ତ ଅଧିକାରୀମାନଙ୍କ ଛୁଟି ବାତିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ନ ପ୍ରସବା ମହିଳାଙ୍କ କ୍ଷେତ୍ରରେ ଆଗୁଆ ପଦକ୍ଷେପ ସ୍ୱରୂପ ଡାକ୍ତରଖାନାଙ୍କୁ ନେବାକୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ଓ ଜଳ ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବାଲିମେଳା ଓ କୋଲାବ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକ ରହିଥିବାରୁ ଆଗାମୀ ବର୍ଷାଜଳ ଧାରଣ ପାଇଁ ସେଠାରେ ଯଥେଷ୍ଟ କ୍ଷମତା ରହିଛି। ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳଭଣ୍ଡାର କ୍ଷମତାର ପ୍ରାୟ ୮୪ ପ୍ରତିଶତ ଜଳ ଥିବାରୁ ଆବଶ୍ୟକତା ଅନୁଯାୟୀ ଜଳସ୍ତର କମାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ବଙ୍ଗୋପସାଗର ସୃଷ୍ଟି ଲଘୁଚାପ ବାତ୍ୟା ନୁହେଁ ଗଭୀର ଅବପାତ ରୂପ ନେବ। ୧୧ଟି ଜିଲା ଉପରେ ଏହାର ପ୍ରଭାବ ପଡ଼ିବ। ବର୍ଷା ଆରମ୍ଭ ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୩ ଓ ୨୪ରେ ପ୍ରବଳ ବର୍ଷିବ। ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଜିଲାର ଜିଲାପାଳ ମାନଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଇନ୍ଦ୍ରାବତୀରେ ଏବଂ ତେଲିଙ୍ଗିରି ଡ୍ୟାମରେ ପାଣି କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପଜନିତ ଲଗାଣ ବର୍ଷାର ସମ୍ଭାବନା ଥିବାରୁ ଆସନ୍ତା ୨୩ରୁ ୨୪ ତାରିଖ ପର୍ଯ୍ୟନ୍ତ କନ୍ଧମାଳ କଳିଙ୍ଗା ଘାଟିରେ ଯାତାୟାତ ବନ୍ଦ ରହିବ । ବର୍ଷା ସତର୍କତାରୁ ଭୂସ୍ଖଳନର ଆଶଙ୍କା ଥିବାରୁ କୌଣସି ପ୍ରକାର ଦୁର୍ଘଟଣାକୁ ଏଡାଇବା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ପ୍ରଥମ ପର୍ଯ୍ୟାୟରେ ୪୫ ହଜାରରୁ ଅଧିକ ଓଡ଼ିଆ ସଂଶୋଧିତ ପାଠ୍ୟ ପୁସ୍ତକ ବଣ୍ଟନ



ଭୁବନେଶ୍ୱର, ୨୧।୯: ଆବଶ୍ୟକ ସଂଶୋଧନ ସହିତ ନୂତନ ପାଠ୍ୟପୁସ୍ତକ ବଣ୍ଟନ କାର୍ଯ୍ୟ ସୋମବାର ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪୫,୦୦୦ ପୁସ୍ତକ ବଣ୍ଟନ କରାଯାଇଛି ।ପ୍ରଥମ ଦିନର ବଣ୍ଟନ ପ୍ରକ୍ରିୟାରେ ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପାଇଁ ଓଡ଼ିଆ ପାଠ୍ୟପୁସ୍ତକ ଏବଂ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଉର୍ଦ୍ଦୁ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ ରହିଛି। ବଣ୍ଟନ ତଥ୍ୟ ଅନୁଯାୟୀ, ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକ ପାଇଁ ୪୧,୧୫୦ଟି ଓଡ଼ିଆ ପୁସ୍ତକ ଏବଂ ୩,୧୫୦ଟି ଉର୍ଦ୍ଦୁ ପୁସ୍ତକ ଆବଣ୍ଟନ କରାଯାଇଛି ।ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ କଟକ ଅଞ୍ଚଳରେ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲିଟି, ଜଟଣୀ, ଭୁବନେଶ୍ୱର ସଦର, କଟକ ମ୍ୟୁନିସିପାଲିଟି, କଟକ ସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଆଗାମୀ ଦିନଗୁଡ଼ିକରେ ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଏହି ସଂଶୋଧିତ ପାଠ୍ୟପୁସ୍ତକ ବଣ୍ଟନ କାର୍ଯ୍ୟ ସମ୍ପ୍ରସାରିତ କରାଯିବ।

## ହତ୍ୟା ମାମଲା: ୪ ନିର୍ଦ୍ଦୋଷରେ ଖଲାସ

### ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରେ ଗୁରୁତ୍ୱପୂର୍ଣ୍ଣ ଅସଙ୍ଗତି

ନୂଆଦିଲ୍ଲୀ, ୨୧।୯: ଓଡ଼ିଶାର ୨୦୦୧ ମସିହାର ଧ୍ରୁବ ପ୍ରଧାନ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୪ ବ୍ୟକ୍ତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୋର୍ଟ ମତ ଦେଇଛନ୍ତି ଯେ, ସିଧାସଳଖ କିମ୍ବା ପରିସ୍ଥିତିଜନିତ ପ୍ରମାଣ ମାଧ୍ୟମରେ ସେମାନଙ୍କ ସମ୍ପୃକ୍ତି ପ୍ରମାଣିତ କରିବାରେ ଅଭିଯୋଗକାରୀ ପକ୍ଷ (ପ୍ରୋସିକ୍ୟୁସନ୍) ବିଫଳ ହୋଇଛି। କୋର୍ଟ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରେ ଗୁରୁତ୍ୱପୂର୍ଣ୍ଣ ଅସଙ୍ଗତି ଲକ୍ଷ୍ୟ କରିଥିଲେ ଏବଂ ମତ ଦେଇଥିଲେ ଯେ ଘନ ଅନ୍ଧକାର ରାତିରେ ଅଭିଯୁକ୍ତମାନଙ୍କୁ ବିଶ୍ୱାସଯୋଗ୍ୟ ଭାବେ ଚିହ୍ନଟ କରିବା ସମ୍ଭବ ନ ଥିଲା। ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଏବଂ ପ୍ରସନ୍ନ ବି. ଭରାଲେଙ୍କ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟ ଓ ଟ୍ରାଏଲ୍ କୋର୍ଟଙ୍କ ରାୟକୁ ଖାରଜ କରି ଏହି ୪ ଜଣ ଆବେଦନକାରୀଙ୍କୁ ‘ସନ୍ଦେହର ଫାଇଦା’ ପ୍ରଦାନ କରିଛନ୍ତି। ଏହି ରାୟ ୧୮ ସେପ୍ଟେମ୍ବର ୨୦୨୬ ରେ ‘କାର୍ତ୍ତିକ ଓରଫ କୀର୍ତ୍ତନ ଓରଫ କୀର୍ତ୍ତନ ଚରଣ ଜେନା ଓ ଅନ୍ୟାନ୍ୟ ବନାମ ଓଡ଼ିଶା ରାଜ୍ୟ’ ମାମଲାରେ ପ୍ରଦାନ କରାଯାଇଛି।

### ହଷ୍ଟେଲର ମୌଳିକ ସମସ୍ୟା: ପ୍ରଶାସନକୁ ଜଣାଇବାକୁ ଅନ୍ତେବାସୀଙ୍କ ପଦଯାତ୍ରା

## ପ୍ରତିଶ୍ରୁତି ପାଇ ଅଧବାଟରୁ ଫେରିଲେ

ଉଦଳା, ୨୧।୯: ହଷ୍ଟେଲରେ ମୌଳିକ ସୁବିଧା ମିଳୁ ନଥିବା, ଦୁଇ ମାସରୁ ଅଧିକ ସମୟ ହେଲା ପିଇବା ପାଣି ଓ ବିଦ୍ୟୁତ ସମସ୍ୟା ଲାଗି ରହିବା, ପ୍ରଧାନଶିକ୍ଷକ ଜଣକ ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ରହୁଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିବାରୁ ତାଙ୍କ ବଦଳି, ଏପରିକି ହଷ୍ଟେଲରେ ପୋକରା ଚାଉଳରେ ଭାତ ପ୍ରସ୍ତୁତ କରି ଦିଆଯାଉଥିବା ଆଦି ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନର ତୁଙ୍ଗ ଅଧିକାରୀଙ୍କୁ ଆପତ୍ତି ଜଣାଇବାକୁ ଅନ୍ତେବାସୀମାନେ ସୋମବାର ଚାଲି ଚାଲି ଯିବା ବେଳେ କିଛି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସେମାନେ ଫେରିଛନ୍ତି। ଏହି ଅନ୍ତେବାସୀ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥିତ



ବିସିପୁର ଆଶ୍ରମ ବିଦ୍ୟାଳୟର । ହଷ୍ଟେଲରୁ ବାହାରି ଅନ୍ତେବାସୀମାନେ ସମସ୍ୟା ଜଣାଇବାକୁ ପ୍ରାୟ ୮ କିଲୋମିଟର ଚାଲି ଚାଲି ଅଧିକାରୀଙ୍କୁ ଭେଟିବାକୁ ବାହାରିଥିଲେ। ବିଦ୍ୟାଳୟ ଠାରୁ କିଛି କିଲୋମିଟର ଦୂର ଚାଲିବା ପରେ ଖବର ପାଇ ଶିକ୍ଷା ବିଭାଗ ଓ ପୁଲିସ ପ୍ରଶାସନର କେତେକ ଅଧିକାରୀ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ରାସ୍ତାରେ ଅଟକାଇ ବିଦ୍ୟାଳୟ ନିକଟକୁ ଫେରାଇ ଆଣିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ପଶି ବିଦ୍ୟାଳୟ ସମ୍ମୁଖ ୧୯ ନମ୍ବର ରାଜ୍ୟ ରାଜପଥରେ ଧାରଣାରେ ବସି ରହିଥିଲେ। ଫଳରେ ଉଦଳା - ବାରିପଦା ମୁଖ୍ୟରାସ୍ତା ପ୍ରାୟ ୩ ଘଣ୍ଟା ବନ୍ଦ ରହିବା ସହ ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଖବର ପାଇ ଉଦଳା ଉପଜିଲ୍ଲାପାଳ, ବ୍ଲକ ଶିକ୍ଷା ବିଭାଗ ପ୍ରମୁଖ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ। ସମସ୍ୟାର ସମାଧାନ ପ୍ରତିଶ୍ରୁତି ଓ ପ୍ରଧାନଶିକ୍ଷକଙ୍କୁ ଆଜି ଠାରୁ ବିଦ୍ୟାଳୟ ନ ଆସିବାକୁ ନିର୍ଦ୍ଦେଶ ଦେବା ପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରି ଥିଲେ।

### ଜଗତସିଂହପୁର ଏସଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

## ଡିଜେ ପାଇଁ ମାର୍ଗଦର୍ଶିକା ସୁନିଶ୍ଚିତ କରାଅ

କଟକ, ୨୧।୯: ଡିଜେ ଓ ଅନ୍ୟ ସାଉଣ୍ଡ ସିଷ୍ଟମ, ବାଦ୍ୟଯନ୍ତ୍ର ବ୍ୟବହାର ପ୍ରସଙ୍ଗରେ ଯଥାଶୀଘ୍ର ଗାଇଡ଼ଲାଇନ ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ୬ ସପ୍ତାହ ଭିତରେ ଗାଇଡଲାଇନ ଆଣିବା ପ୍ରସଂଗ ସୁନିଶ୍ଚିତ କରିବାକୁ ଜଗତସିଂହପୁର ସବ୍-ଡିଭିଜିନାଲ ମାଜିଷ୍ଟ୍ରେଟ(ଏସଡିଏମ)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଡିଜେ ବ୍ୟବହାର ଉପରେ କଟକଣା ଜାରି ଜଗତସିଂହପୁର ଏସଡିଏମ ଜାରି କରିଥିବା ୨୦୨୬, ସେପ୍ଟେମ୍ବର ୧୫ର ଆଦେଶନାମା ବିରୋଧରେ ଜଗନ୍ନାଥ ଟେଣ୍ଟ ଲାଇଟ ଆଣ୍ଡ ସାଉଣ୍ଡ ଓନର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।ମାମଲାର ଶୁଣାଣି ବେଳେ ସରକାରଙ୍କ ତରଫରୁ ଏଜିଏ ସର୍ବେଶ୍ୱର ବେହେରା ଦର୍ଶାଇଥିଲେ ଯେ ଡିଜେ ପାଇଁ ବୟସାଧିକ୍ୟ ଓ ଅସୁସ୍ଥ ବ୍ୟକ୍ତି ଅସୁବିଧାରେ ପଡୁଛନ୍ତି। ଡିଜେରୁ ବିକଟାଳ ଓ ପ୍ରଚଣ୍ଡ ଶବ୍ଦ ବାହାରୁଛି। ତେଣୁ ଡିଜେ ଉପରେ କଟକଣା ଜାରି କରି ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଆଇନ ସମ୍ମତ ବୋଲି ଶ୍ରୀ ବେହେରା ଯୁକ୍ତିରେ ଦର୍ଶାଇଥିଲେ।

### ସରକାରଙ୍କୁ ମିଳିଲା ଶିକ୍ଷକଙ୍କ ସମସ୍ୟାର ରିପୋର୍ଟ

## ଅନୁଧ୍ୟାନ ପରେ ନିଆଯିବ ଉପଯୁକ୍ତ ନିଷ୍ପତ୍ତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୯: ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ନିଜର ରିପୋର୍ଟ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ୨୦୨୬ ଫେବୃଆରି ୩ ତାରିଖରେ ପୁନର୍ଗଠିତ ହୋଇଥିଲା । ଆଜି ଏହି କମିଟି ତା’ର ରିପୋର୍ଟ ପ୍ରଦାନ କରିଛି । ଏହି ସୁପାରିସ ଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି । କମିଟି ଏହି ଦାବି ସମ୍ପର୍କରେ ୯୦ଟି ବୈଠକ ଅନୁଷ୍ଠିତ କରିଛନ୍ତି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି। ବୈଠକରେ ବିଭିନ୍ନ ସୁପାରିସ ସମ୍ପର୍କରେ କମିଟିର ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଏବଂ ସହଅଧ୍ୟକ୍ଷ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ।


## ସରିଲା ଏସଆଇଆର୍: ବାଦ୍ ପଡ଼ିଲେ ୨୦ ଲକ୍ଷରୁ ଅଧିକ

ଭୁବନେଶ୍ୱର, ୨୧।୯: ଓଡ଼ିଶାରେ ‘ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬’ ପ୍ରକ୍ରିୟା ଶେଷ ହେବା ପରେ ସୋମବାର ଆନୁଷ୍ଠାନିକ ଭାବେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ, ବୈଠକ ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାର ଗୋଟିଏ ଲେଖାଏଁ ଅବିକଳ ସଫ୍ଟ/ହାର୍ଡ କପି ପ୍ରଦାନ କରିଥିଲେ। ଭୋଟର ତାଲିକାକୁ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ସର୍ବସାଧାରଣଙ୍କ ପାଇଁ ଗ୍ରହଣୀୟ କରିବା ଉଦ୍ଦେଶ୍ୟରେ ଏହି ସଘନ ସଂଶୋଧନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନୂତନ ଯୋଗ୍ୟ ଭୋଟରଙ୍କ ନାମ ସାମିଲ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଆବଶ୍ୟକୀୟ ସଂଶୋଧନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏହି ଅନ୍ତିମ ତାଲିକା ଚୂଡ଼ାନ୍ତ କରାଯାଇଛି। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସମସ୍ତ ଦଳର ସହଯୋଗ ବଜାୟ ରଖିବା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏହି ଆଲୋଚନା କରାଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ , ୨୦୨୬ର ଚୂଡ଼ାନ୍ତ ଭୋଟର ତାଲିକା ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରରେ ପ୍ରଦର୍ଶିତ କରାଯାଇଛି। ଏହା ୨୧.୦୯.୨୦୨୬ରୁ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସାଧାରଣ ଜନତାଙ୍କ ପରିଦର୍ଶନ ପାଇଁ ମଧ୍ୟ ଉପଲବ୍ଧ ରହିବ। ଚୂଡ଼ାନ୍ତ ଭୋଟର ତାଲିକାର ନକଲ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ପ୍ରଦାନ




କରାଯାଇଛି। ଏହା ସହିତ ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚନ କମିଶନ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଭିନ୍ନ ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ ହୋଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଞ୍ଚିଛି। ତେବେ ଯାଞ୍ଚ ପ୍ରକ୍ରିୟା ସମୟରେ ତାଲିକାରୁ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ଏହି ସଂଖ୍ୟା ୨୦ଲକ୍ଷ ୫୭ ହଜାର ୩୩୪ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ଏ ନେଇ ସୂଚନା ଦେଇଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ, ଏସଆଇଆର ପ୍ରକ୍ରିୟା ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯, ୫୯୧ ଜଣ ଭୋଟର ଥିଲେ। ତେବେ ଡ୍ରାଫ୍ଟ ରୋଲ୍ ପୂର୍ବରୁ ୨୦,୧୨,୫୫୭ ଜଣ ଏବଂ ଡ୍ରାଫ୍ଟ ପରେ ୪୪,୭୭୭ ଜଣଙ୍କୁ ମିଶାଇ ସର୍ବମୋଟ ୨୦,୫୭,୩୩୪ ଜଣଙ୍କ ନାମ ବାଦ୍ ପଡ଼ିଛି। ବାଦ୍ ପଡ଼ିଥିବା ଭୋଟର ମଧ୍ୟରେ ମୃତ ଭୋଟର ୮,୩୨,୫୪୪ ରହିଛନ୍ତି। ସେହିପରି ସ୍ଥାନାନ୍ତରିତ ୮,୦୮,୨୦୫ ଭୋଟର, ଅନୁପସ୍ଥିତ ୧,୯୯,୨୪୯ ଭୋଟର, ଏକାଧିକ ସ୍ଥାନରେ ନାମ ୧,୫୮,୧୧୮ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪,୪୪୧ ଜଣ ରହିଛନ୍ତି।

## ୪୫୦ରୁ ପୁଟିନଙ୍କ ଦଳକୁ ମିଳିଲାଣି ୩୫୫ ଆସନ



ନୂଆଦିଲ୍ଲୀ, ୨୧।୯: ୟୁକ୍ରେନ ଆକ୍ରମଣ ମଧ୍ୟରେ ରୁଷରେ ହୋଇଥିବା ସଂସଦୀୟ ନିର୍ବାଚନରେ ରୁଷିଆର ଶାସକଦଳ ୟୁନାଇଟେଡ୍ ରୁଷିଆ ପାର୍ଟି ଏକ ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଛି । ପୁଟିନଙ୍କ ଦଳ ୪୫୦ ଆସନ ବିଶିଷ୍ଟ ଷ୍ଟେଟ୍ ଡୁମା ପାଇଁ ନିର୍ବାଚନରେ ଏକ ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ଜଣାପଡ଼ିଛି । ଏପର୍ଯ୍ୟନ୍ତ ଗଣନା ହୋଇଥିବା ଭୋଟ ଅନୁସାରେ, ପୁଟିନଙ୍କ ଦଳ ୩୫୫ ଆସନ ପାଇ ଆଗୁଆ ଅଛି । ଫେବୃଆରୀ ୨୦୨୨ରେ ୟୁକ୍ରେନରେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ରୁଷିଆର ପ୍ରଥମ ସଂସଦୀୟ ନିର୍ବାଚନ । ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ନିର୍ବାଚନକୁ ଜାତୀୟ ଏକତା ଏବଂ ରୁଷିଆର ସୈନିକଙ୍କ ପ୍ରତି ସମର୍ଥନ ସହିତ ଯୋଡ଼ିଛନ୍ତି ।



# ଶାରଦୀୟ ନବରାତ୍ରି ପୂଜା

**ହିନ୍ଦୁ ଧର୍ମରେ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ନବରାତ୍ରିର ୯ ଦିନ ମା' ଦୁର୍ଗାଙ୍କ ୯ଟି ଭିନ୍ନ ସ୍ୱରୂପଙ୍କୁ ସମର୍ପିତ। ବର୍ଷକୁ ୪ ଥର ନବରାତ୍ରି ପାଳନ କରାଯାଏ, କିନ୍ତୁ ଶାରଦୀୟ ନବରାତ୍ରିର ମହତ୍ତ୍ୱ ସବୁଠାରୁ ଅଧିକ ରହିଥାଏ। ଏହି ୯ ଦିନ ଭକ୍ତମାନେ ମା' ଦୁର୍ଗାଙ୍କ ୯ଟି ସ୍ୱରୂପଙ୍କୁ ପୂଜା କରିବା ସହ ଉପବାସ ରଖନ୍ତି। ତେବେ ଚଳିତ ବର୍ଷ ଶାରଦୀୟ ନବରାତ୍ରି କେବେଠାରୁ ଆରମ୍ଭ ହେଉଛି, ୯ ଦିନର ବ୍ରତ କେଉଁ କେଉଁ ତାରିଖରେ ରହିବ ଏବଂ ପ୍ରଥମ ଦିନ ଘଟସ୍ଥାପନାର ଶୁଭ ମୁହୂର୍ତ୍ତ କେତେବେଳେ ରହିବ ?**

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ, ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଶାରଦୀୟ ନବରାତ୍ରି ଆରମ୍ଭ ହୁଏ। ଚଳିତ ବର୍ଷ ପ୍ରତିପଦା ତିଥି ୧୦ ଅକ୍ଟୋବର ୨୦୨୬ ରାତି ୯ଟା ୧୯ ମିନିଟରୁ ଆରମ୍ଭ ହୋଇ ୧୧ ଅକ୍ଟୋବର ରାତି ୯ଟା ୩୦ ମିନିଟରେ ଶେଷ ହେବ। ତେଣୁ ଉଦୟା ତିଥିକୁ ଧ୍ୟାନରେ ରଖି ଶାରଦୀୟ ନବରାତ୍ରି ୧୧ ଅକ୍ଟୋବରରୁ ଆରମ୍ଭ ହେବ। ନବରାତ୍ରିର ପ୍ରଥମ ବ୍ରତ ୧୧ ଅକ୍ଟୋବରରେ ରଖାଯିବ ଏବଂ ୯ମ ବ୍ରତ ୧୯ ଅକ୍ଟୋବରରେ ରହିବ।

**ପ୍ରଥମ ବ୍ରତ – ୧୧ ଅକ୍ଟୋବର:** ଏହି ଦିନ ମା' ଶୈଳପୁତ୍ରୀଙ୍କ ପୂଜା କରାଯାଏ।

**ଦ୍ୱିତୀୟ ବ୍ରତ – ୧୨ ଅକ୍ଟୋବର:** ଏହି ଦିନ ମା' ବ୍ରହ୍ମଚାରିଣୀଙ୍କ ପୂଜା କରାଯାଏ।

**ତୃତୀୟ ବ୍ରତ – ୧୩ ଅକ୍ଟୋବର:** ଏହି ଦିନ ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଏ।

**ଚତୁର୍ଥ ବ୍ରତ – ୧୪ ଅକ୍ଟୋବର:** ଏହି ଦିନ ମା' କୂଷ୍ମାଣ୍ଡାଙ୍କ ପୂଜା କରାଯାଏ।

**ପଞ୍ଚମ ବ୍ରତ – ୧୫ ଅକ୍ଟୋବର:** ଏହି ଦିନ ମା' ସ୍କନ୍ଦମାତାଙ୍କ ପୂଜା କରାଯାଏ।

**ଷଷ୍ଠ ବ୍ରତ – ୧୬ ଅକ୍ଟୋବର:** ଏହି ଦିନ ମା' କାତ୍ୟାୟନୀଙ୍କ ପୂଜା କରାଯାଏ।

**ସପ୍ତମ ବ୍ରତ – ୧୭ ଅକ୍ଟୋବର:** ଏହି ଦିନ ମା' କାଳରାତ୍ରୀଙ୍କ ପୂଜା କରାଯାଏ।

**ଅଷ୍ଟମ ବ୍ରତ – ୧୮ ଅକ୍ଟୋବର:** ଏହି ଦିନ ମା' ମହାଗୌରୀଙ୍କ ପୂଜା କରାଯାଏ।


**ନବମ ବ୍ରତ – ୧୯ ଅକ୍ଟୋବର:** ଏହି ଦିନ ମା' ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ।

## ଘଟସ୍ଥାପନାର ଶୁଭ ମୁହୂର୍ତ୍ତ

ନବରାତ୍ରିର ପ୍ରଥମ ଦିନ ଘରେ କଳସ ସ୍ଥାପନା କରାଯାଏ। ଚଳିତ ବର୍ଷ ଘଟସ୍ଥାପନାର ଶୁଭ ମୁହୂର୍ତ୍ତ ସକାଳ ୬ଟା ୧୯ ମିନିଟରୁ ୧୦ଟା ୧୨ ମିନିଟ ପର୍ଯ୍ୟନ୍ତ ରହିବ। ଏହି ସମୟରେ ଭକ୍ତମାନେ କଳସ ସ୍ଥାପନା କରି ମା' ଦୁର୍ଗାଙ୍କ ପୂଜା ଆରମ୍ଭ କରିପାରିବେ। ଯଦି ସକାଳ ସମୟରେ କଳସ ସ୍ଥାପନା କରିପାରୁନାହାନ୍ତି, ତେବେ ଏହା ପରେ ଅଭିଜିତ ମୁହୂର୍ତ୍ତ ସକାଳ ୧୧ଟା ୪୪ ମିନିଟରୁ ଦ୍ୱିପ୍ରହର ୧୨ଟା ୩୧ ମିନିଟ ପର୍ଯ୍ୟନ୍ତ ରହିବ। ଏହି ସମୟରେ ମଧ୍ୟ କଳସ ସ୍ଥାପନା କରାଯାଇପାରିବ। ଧାର୍ମିକ ମାନ୍ୟତା ଅନୁସାରେ, ନବରାତ୍ରି ସମୟରେ ମା' ଦୁର୍ଗାଙ୍କୁ ସଚ୍ଚୋଟ ମନରେ ପୂଜା କରିବା ଏବଂ ବ୍ରତ ରଖିବା ଦ୍ୱାରା ଦେବୀଙ୍କ ଆଶୀର୍ବାଦ ମିଳିଥାଏ। ମାନ୍ୟତା ରହିଛି ଯେ, ମା' ଦୁର୍ଗା ନିଜ ଭକ୍ତଙ୍କ ଦୁଃଖ ଦୂର କରିବା ସହ ସେମାନଙ୍କର ସମସ୍ତ ମନୋକାମନା ପୂରଣ କରନ୍ତି।




# ଗଣେଶଙ୍କ ବିସର୍ଜନ ସମୟରେ... ଧ୍ୟାନ ଦିଅନ୍ତୁ



**ଗଣପତି ବିସର୍ଜନ ସମୟରେ ତାଙ୍କ ପୂଜାରେ ଅର୍ପଣ ହୋଇଥିବା ଫୁଲମାଳ, ଦୁବ, ବସ୍ତ୍ର, ଗୁଆ, ନଡ଼ିଆକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ଅନେକ ଲୋକ ମୂର୍ତ୍ତି ସହ ପୂଜା ସାମଗ୍ରୀକୁ ମଧ୍ୟ ପାଣିରେ ଭସାଇ ଦିଅନ୍ତି। କିନ୍ତୁ ପୂଜା ସାମଗ୍ରୀର ବିସର୍ଜନ ଓ ଗଣେଶଙ୍କ ବିଦାୟ ଦୁଇଟି ଭିନ୍ନ ପ୍ରକ୍ରିୟା।**



## ବିସର୍ଜନ ପୂର୍ବରୁ କରନ୍ତୁ ଉତ୍ତର ପୂଜା:

ଗଣେଶ ମୂର୍ତ୍ତିକୁ ଉଠାଇବା ପୂର୍ବରୁ ଉତ୍ତର ପୂଜା ବା ବିଦାୟ ପୂଜା କରାଯାଏ। ବପ୍ପାଙ୍କୁ ଫୁଲ, ଦୁବ ଓ ଭୋଗ ଅର୍ପଣ କରି ଆଳତି କରନ୍ତୁ। ପୂଜା ସମୟରେ ହୋଇଥିବା ଭୁଲ ପାଇଁ କ୍ଷମା ପ୍ରାର୍ଥନା କରି ଆସନ୍ତା ବର୍ଷ ପୁଣି ଘରକୁ ଆସିବା ପାଇଁ ପ୍ରାର୍ଥନା କରନ୍ତୁ। ଏହାପରେ ମୂର୍ତ୍ତିକୁ ସ୍ଥାପିତ ସ୍ଥାନରୁ ସାମାନ୍ୟ ଆଗକୁ ଘୁଞ୍ଚାଇ ଦଅନ୍ତୁ। ଏହା ସ୍ଥାପନାର ସଂକଳ୍ପ ପୂରଣ ହୋଇଥିବାର ସଙ୍କେତ ବୋଲି ମନେ କରାଯାଏ।

## ଫୁଲମାଳ ଓ ଦୁବ ପାଣିରେ ଭସାଇବେ କି ?

ଗଣେଶ ମୂର୍ତ୍ତିରେ ଚଢ଼ାଯାଇଥିବା ଫୁଲ, ମାଳ, ଦୁବ ଓ ପତ୍ରକୁ ବିସର୍ଜନ ପୂର୍ବରୁ ଅଲଗା କରି ନିଅନ୍ତୁ। ଏଗୁଡ଼ିକୁ ନଦୀ, ପୋଖରୀ କିମ୍ବା ନାଳରେ ପକାନ୍ତୁ ନାହିଁ। ପ୍ରାକୃତିକ ଫୁଲ ଓ ପତ୍ରକୁ ଅଲଗା କରି ତାହାକୁ ଖତ ତିଆରି କରାଯାଇପାରେ। ଏହା ସମ୍ଭବ ନହେଲେ ସଫା ମାଟିରେ ପୋତି ଦିଆଯାଇପାରେ। ପ୍ଲାଷ୍ଟିକ୍ ମାଳ, ରିବନ୍, ଥର୍ମୋକଲ୍, ଚକଚକିଆ କାଗଜ କିମ୍ବା କୃତ୍ରିମ ସାଜସଜ୍ଜା ପୂଜା ସାମଗ୍ରୀକୁ ଅଲଗା କରି ଉପଯୁକ୍ତ ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ରରେ ବିସର୍ଜନ କରନ୍ତୁ।

## ଗଣେଶଙ୍କ ବସ୍ତ୍ର କଣ କରିବେ ?

ଗଣେଶଙ୍କୁ ଅର୍ପଣ କରାଯାଇଥିବା ବସ୍ତ୍ରକୁ ମୂର୍ତ୍ତି ସହ ପାଣିରେ ଭସାଇବା ଆବଶ୍ୟକ ନାହିଁ। ଏହାକୁ ସମ୍ମାନର ସହ ଖୋଲି ସଫା ଓ ଶୁଖିଲା ସ୍ଥାନରେ ରଖନ୍ତୁ। ବସ୍ତ୍ରଟି ନୂଆ ଓ ବ୍ୟବହାର ଯୋଗ୍ୟ ହୋଇଥିଲେ ପରିବାରର ପରମ୍ପରା ଅନୁଯାୟୀ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ଦିଆଯାଇପାରେ।

## ପୂଜାର ଗୁଆ କଣ କରିବେ ?

ଯଦି ଗୁଆକୁ କେବଳ ପୂଜା ସାମଗ୍ରୀ ଭାବେ ଅର୍ପଣ କରାଯାଇଥାଏ, ତେବେ ଉତ୍ତର ପୂଜା ପରେ ଏହାକୁ ନାଲି କିମ୍ବା ହଳଦିଆ କପଡ଼ାରେ ଗୁଡ଼ାଇ ପୂଜାଘରେ ରଖାଯାଇପାରେ। କିଛି ପରିବାର ଏହାକୁ ପ୍ରସାଦ ଭାବେ ମଧ୍ୟ ସୁରକ୍ଷିତ ରଖି ପାରିବେ। ଯଦି ଗୁଆକୁ କୌଣସି ଦେବତାଙ୍କ ପ୍ରତୀକ ଭାବେ ସ୍ଥାପନ କରାଯାଇଥାଏ, ଏହାକୁ ନଦୀରେ ବିସର୍ଜନ କରିଦିଅନ୍ତୁ।

## ନଡ଼ିଆ, ଫଳ ଓ କଳସ ଜଳ କ'ଣ କରିବେ ?

ପୂଜାରେ ରଖାଯାଇଥିବା ନଡ଼ିଆ ଓ ଖାଇବା ଯୋଗ୍ୟ ଫଳକୁ ପ୍ରସାଦ ଭାବେ ପରିବାର ମଧ୍ୟରେ ବାଣ୍ଟି ଖାଇପାରିବେ। ଖାଦ୍ୟ ନଷ୍ଟ ହୋଇଯାଇଥିଲେ ଏହାକୁ ଖାଆନ୍ତୁ ନାହିଁ। କଳସର ସ୍ୱଚ୍ଛ ଜଳକୁ ଗଛରେ କିମ୍ବା ସଫା ମାଟିରେ ଦିଆଯାଇପାରେ। କଳସ, ମୁଦ୍ରା ଓ ଧାତୁର ଅଳଙ୍କାରକୁ ସଫା କରି ପୁଣି ପୂଜାରେ ବ୍ୟବହାର କରାଯାଇପାରେ।

## ବିସର୍ଜନର ସହଜ ନିୟମ:

ଗଣେଶ ବିସର୍ଜନ ସମୟରେ ପୂଜା ସାମଗ୍ରୀକୁ ପ୍ରଥମେ ଅଲଗା କରନ୍ତୁ। ଫୁଲ, ମାଳ, ବସ୍ତ୍ର, ସୁପାରି, ପ୍ଲାଷ୍ଟିକ୍ ଓ ସାଜସଜ୍ଜା ସାମଗ୍ରୀକୁ ଜଳାଶୟରେ ନ ପକାଇ ଉପଯୁକ୍ତ ଭାବେ ନିଷ୍କାସନ କରନ୍ତୁ। ପ୍ରଶାସନ ନିର୍ଦ୍ଧାରିତ ସ୍ଥାନ କିମ୍ବା କୁଣ୍ଡରେ ପରିବେଶ ଅନୁକୂଳ ମୂର୍ତ୍ତିର ବିସର୍ଜନ କରନ୍ତୁ। ଏହାଦ୍ୱାରା ଗଣେଶଙ୍କୁ ଶ୍ରଦ୍ଧାର ସହ ବିଦାୟ ଦେବା ସହ ଜଳକୁ ପ୍ରଦୂଷଣରୁ ମଧ୍ୟ ରକ୍ଷା କରାଯାଇପାରିବ।

# ସଫଳତା

ଉତ୍ତମ ସଂସ୍କାର ସବୁବେଳେ ବ୍ୟକ୍ତିକୁ ସଫଳତା ଦେଇଥାଏ । ସଂସ୍କାରକୁ ବ୍ୟକ୍ତିର ମୂଳଦୁଆ କହିଲେ ବି ଭୁଲ୍ ହେବ ନାହିଁ । ସଂସ୍କାରରୁ ହିଁ ଆମର ସ୍ୱଭାବ ବିକଶିତ ହୋଇଥାଏ । ଆଉ ଏହା ଆମ ଦୈନନ୍ଦିନ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ସଂସ୍କାରହୀନ ସ୍ୱଭାବ ଓ ବ୍ୟବହାର ବ୍ୟକ୍ତିକୁ ପ୍ରକୃତ ସଫଳତା ଠାରୁ ଦୂରେଇ ରଖିଥାଏ । ଏହା କେବେବି ବ୍ୟକ୍ତିକୁ ପ୍ରକୃତ ଶାନ୍ତି ପ୍ରଦାନ କରିପାରେ ନାହିଁ । କେବଳ ଶିକ୍ଷାଗତ ଯୋଗ୍ୟତା ବଳରେ ଆମେ ସଫଳତା ପାଇପାରିବା ନାହିଁ । ଜୀବନରେ ଏପରି ଏକ ପର୍ଯ୍ୟାୟ ଆସେ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ସଂସ୍କାରକୁ ଅଧିକ ମହତ୍ତ୍ୱ ଦିଆଯାଏ । ଆଜିର ଯୁବପିଢ଼ି ସଂସ୍କାରକୁ ଅଧିକ ମହତ୍ତ୍ୱ ଦେଉ ନାହାନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସଂସ୍କାରର ଆବଶ୍ୟକତା ସବୁଠାରୁ ଅଧିକ ରହିଛି । ଏହା ଆମର ଚରିତ୍ର ଗଠନରେ ସହାୟକ ହୋଇଥାଏ । ଉତ୍ତମ କର୍ମ ହିଁ ଉତ୍ତମ ସଂସ୍କାରର ଫଳ । କେବଳ ସେତିକି ନୁହେଁ ଉତ୍ତମ ଚରିତ୍ର ମଧ୍ୟ ଉତ୍ତମ ସଂସ୍କାରକୁ ଜନ୍ମ ନେଇଥାଏ । ସବୁ ଧର୍ମରେ ସଂସ୍କାରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଆମ ହିନ୍ଦୁଧର୍ମ ଏଣୁ ୧୬ ପ୍ରକାର ସଂସ୍କାର ବିଧି ରହିଛି । ଏହା ବ୍ୟକ୍ତିକୁ ସବୁବେଳେ ଅନ୍ତର୍ଗାମୀ କରାଇଥାଏ । ଯାହାଦ୍ୱାରା ବ୍ୟକ୍ତି ନିଜ ଭିତରେ ରହିଥିବା ପରମାତ୍ମାଙ୍କ ସତ୍ତାକୁ ଅନୁଭବ କରିପାରେ ।



# ଲୋକକଥା ଓ ପ୍ରାମାଣିକତା

ଆଦି ଶଙ୍କରାଚାର୍ଯ୍ୟ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଜ୍ଞାନାନନ୍ଦ ସରସ୍ୱତୀ ଅନେକ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା କରି ପ୍ରଭୁ ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ଐତିହାସିକତା ସ୍ଥାପିତ କରିବାର କାର୍ଯ୍ୟ କରିଥିଲେ । ତାଙ୍କ ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କ ୫୦ତମ ପିଢ଼ିରେ ଶଲ୍ୟ ଜନ୍ମଗ୍ରହଣ କରିଥିଲେ । ଯିଏ କି ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିଥିଲେ । ଏହାର ଗଣନା କରାଗଲେ ଲବ ଏବଂ କୁଶ ମହାଭାରତ କାଳ ଠାରୁ ୨୫୦୦ରୁ ୩୦୦୦ ବର୍ଷ ପୂର୍ବେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍, ଆଜକୁ ୬୫୦୦ରୁ ୭୦୦୦ ବର୍ଷ ପୂର୍ବେ ଲବ ଓ କୁଶଙ୍କ ଜନ୍ମ ହୋଇଥିଲା । ରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସଙ୍କ ଜନ୍ମ ବିକ୍ରମ୍ ସମ୍ବତ୍ ୧୫୫୪ରେ ହୋଇଥିଲା । ସେ ଅୱଧୀ ଭାଷାରେ ରାମଚରିତ ମାନସର ରଚନା କରିଥିଲେ । ବାଲ୍ମିକୀ ରାମାୟଣ ଠାରୁ ଏହି ଗ୍ରନ୍ଥର ଲୋକପ୍ରିୟତା ଅଧିକ ହୋଇଥିଲା । କିନ୍ତୁ ଏହି ଗ୍ରନ୍ଥ ମୂଳ ରାମାୟଣ ଏବଂ ତତ୍କାଳୀନ ଲୋକକଥା ଆଧାରରେ ରଚନା କରାଯାଇଥିବା ଜଣାଯାଏ । ନେପାଳ, ଲାଓସ୍, କମ୍ବୋଡ଼ିଆ, ମାଲେସିଆ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ବାଂଲାଦେଶ, ଭୂଟାନ୍, ଶ୍ରୀଲଙ୍କା, ବାଲି, ଜାଭା, ସୁମାତ୍ରା, ଥାଇଲ୍ୟାଣ୍ଡ ଆଦି ଦେଶର ଲୋକସଂସ୍କୃତି ଏବଂ ଗ୍ରନ୍ଥରେ ଆଜି ମଧ୍ୟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତି ଜୀବିତ ହୋଇ ରହିଛି । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ମିଳିଥିବା ଶିଳାଲେଖ, ଭିତ୍ତିଚିତ୍ର, ମୁଦ୍ରା, ରାମସେତୁ ଏବଂ ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ତଥା ପ୍ରାଚୀନ ଭାଷା ଏବଂ ଗ୍ରନ୍ଥରେ ରାମଚନ୍ଦ୍ରଙ୍କ ଐତିହାସିକ ପ୍ରାମାଣିକତା ସିଦ୍ଧ ହୋଇଥାଏ ।



## ଜଙ୍ଗଲରୁ ୧୦୭୫ କିଲୋ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,(ନିପ୍ର): ମୋହନା ଗଜପତି ଜିଲ୍ଲା ବ୍ୟକ୍ତିମାନେ ଚାଲାଣ ଉଦ୍ଦେଶ୍ୟରେ ଅଡ଼ବା ଥାନା ଅଞ୍ଚଳର ଗଲିମେରା ଗ୍ରାମ ଜଙ୍ଗଲରେ ରଖିଥିବା ସନ୍ଦେହ




କରାଯାଉଛି । ନିକଟସ୍ଥ ଜଙ୍ଗଲରୁ ପୁଲିସ ୧୦୭୫ କିଲୋ ପୁଲିସ ପକ୍ଷରୁ ଏ ସମ୍ପର୍କରେ ବରିଷ୍ଠ ଗଞ୍ଜେଇ ଜବତ କରିଛି । ଏନେଇ ଅଡ଼ବା ଅଧିକାରୀଙ୍କୁ ଜଣାଇବା ପରେ ଜଣେ ଥାନାରେ କେସ୍ ନମ୍ବର ୧୯୪/୨୦୨୬ରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ଦୁଇ) ଜେରିକ୍ୟାନ୍‌ଗୁଡ଼ିକ ଖୋଲିଯାଞ୍ଚ, ଓଜନ ଓ (ସି) ଅନୁଯାୟୀ ମାମଲା ରୁଜୁ ହୋଇଛି ଜବତ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା । ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୯ ଜବତ ଗଞ୍ଜେଇର ନିଟ୍ ଓଜନ ୧୦୭୫ ତାରିଖରେ ଅଡ଼ବା ଥାନା ପୁଲିସ ରାସପେଟ, କିଲୋ ଏବଂ ଜେରିକ୍ୟାନ୍ ସହ ମୋଟ ଗଲିମେରା ଓ ଏହାର ଆଖପାଖ ଅଞ୍ଚଳରେ ଓଜନ ୧୦୭୯ କିଲୋ ୩୦୦ ଗ୍ରାମ ରହିଥିଲା । ପୋଲିସ ପାଟ୍ରୋଲିଂ ସହ ଗଞ୍ଜେଇ ଚାଲାଣ ବିରୋଧୀ ଗଞ୍ଜେଇକୁ ଆଇନ ଅନୁଯାୟୀ ପ୍ୟାକିଂ ଓ ଅଭିଯାନ ଚଳାଇ ଉକ୍ତ ସାମଗ୍ରୀ ଜବତ କରିଛି ।

## ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଔଷଧୀୟ ଚାରାରୋପଣ

ଆସିକା,(ନିପ୍ର): ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ଆସିକା ରେଞ୍ଜର ଗୁଣ୍ଡପଡା ପିଏମ୍ ଶ୍ରୀ ଜଗଦଳପୁର ଉଚ୍ଚ ବିଦ୍ୟାଳୟ ପରିସରରେ 'ମା' ପାଇଁ ଗଛଟିଏ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ସହିତ ସବୁଜିମା ବୃଦ୍ଧି ଏବଂ ଔଷଧୀୟ ବୃକ୍ଷର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜାତୀୟ ସବୁଜ ବାହିନୀ ପକ୍ଷରୁ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ ସାହୁ, ଭାରପ୍ରାପ୍ତ ରେଞ୍ଜର ଅନିଲ କୁମାର ପଣ୍ଡା, ଫରେଷ୍ଟର ଶରତ ଚନ୍ଦ୍ର ବେହେରା ଓ ଗୁଣ୍ଡପଡା ସରପଞ୍ଚ ଶୈଳବାଳା ଦଳେଇଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ ସବୁଜ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ । ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଏହି ଅବସରରେ ଆହ୍ୱାନ କରାଯାଇଥିଲା ।

## କୁମାର କେଳି ଧନୁଯାତ୍ରା ସରିଲା

ସୋନପୁର,(ନିପ୍ର): ଅସତ୍ୟ ଉପରେ ସତ୍ୟର ବିଜୟ ସ୍ୱରୂପ, ଧରାପୃଷ୍ଠକୁ ଅତ୍ୟାଚାରୀ କଂସ କବଳରୁ ରକ୍ଷା କରିବାକୁ ଯାଇ ଭଗବାନ କୃଷ୍ଣ, କଂସକୁ ନିଧନ କରିଛନ୍ତି । ଏହା ସହ ପରିସମାପ୍ତି ଘଟିଛି ପାଞ୍ଚ ଦିନ ବ୍ୟାପୀ କୃଷ୍ଣଲୀଳା ଓ କଂସ ଦରବାର । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୁମାରକେଳି ଗ୍ରାମରେ ଶିବଶକ୍ତି ଯୁବକ ସଂଘ ଦ୍ୱାରା ଆୟୋଜିତ ୨୯ ତମ ଗଣେଶ ପୂଜା ଅବସରରେ ଗତ ୧୬ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ କୃଷ୍ଣଲୀଳା ଓ କଂସ ଦରବାରର ପରିସମାପ୍ତି ଘଟିଛି । ବରଗଡ଼ ଜିଲ୍ଲା ଚିଚିଣ୍ଡା ଗ୍ରାମର ତଥା ପଶ୍ଚିମ ଓଡିଶାର ସ୍ୱନାମଧନ୍ୟ କଳାକାର ଝସକେତନ ପ୍ରଧାନ କଂସ ଭୂମିକାରେ ଅଭିନୟ କରି, ନିଜର ସଂଳାପ ମାଧ୍ୟମରେ ହଜାର ହଜାର ଲୋକଙ୍କୁ ବିଳମ୍ବିତ ରାତ୍ରି ଯାଏଁ ବାନ୍ଧି ରଖିବାରେ ସମର୍ଥ ହୋଇଛନ୍ତି । ଅନ୍ତିମ ସନ୍ଧ୍ୟାରେ ଗୋପାଙ୍ଗନାମାନେ ମଥୁରାରେ ଦଧି ବିକ୍ରି କରିବା ନାଟକର ଦୃଶ୍ୟରେ କୁନି କୁନି କଳାକାରଙ୍କ ଅଭିନୟ ଏବଂ ଅକ୍ରୁର ଓ କଂସର କଥୋପକଥନ ବେଶ ଭାବପୂର୍ଣ୍ଣ ହୋଇଥିଲା । ଗତକାଲି ରାଜଦରବାରରେ ଅତିଥି ରୂପେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଦେଶଫାଲ ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ର, ପ୍ରମୁଖ ଯୋଗଦାନ କରି ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ ।

## ବ୍ଲକସ୍ତରୀୟ ସାଇନ୍ସ ସେମିନାର

କାଶୀନଗର (ନିପ୍ର): କାଶୀନଗର ଠାରେ ଥିବା ପି ଏମ ଶ୍ରୀ ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ ଗୃହ ମଧ୍ୟରେ ବ୍ଲକ ଲେବେଲ ସାଇନ୍ସ ସେମିନାର ଲିଖିତ ପରୀକ୍ଷା ହୋଇଛି । ଇଣ୍ଡିଆନ ଏନର୍ଜି ବାସ୍କେଟ - ୨୦୪୭ ବିଷୟରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ପରୀକ୍ଷାରେ କୃତକାର୍ଯ୍ୟ ପାଇ ଥିବା ଛାତ୍ରଛାତ୍ରୀଙ୍କୁ ବି ଇ ଓ ଅଫିସ ବୈଠକ ଗୃହ ମଧ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଡ଼ି ରମାଦେବୀଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ମାନପତ୍ର ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଓ ଏ ଭି, ଅଲଡା ର ବିଜ୍ଞାନ ଶିକ୍ଷକ, ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟରୁ ଅଧ୍ୟାପିକା ଜି ଶୋଭା ରାଣୀ ଏବଂ ଭେଙ୍କେଟେଶ୍ୱର ମହାବିଦ୍ୟାଳୟରୁ ଅଧ୍ୟାପିକା ଅଞ୍ଜଳି ପଟ୍ଟନାୟକ ପରୀକ୍ଷା ନିରୀକ୍ଷକ ଭାବେ ଆସିଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

# ଶ୍ରୀଜଗନ୍ନାଥଙ୍କୁ ନେଇ ପଟ୍ଟଚିତ୍ର ପ୍ରତିଯୋଗିତା

ଭୁବନେଶ୍ୱର: କୁମାର ପୂର୍ଣ୍ଣିମା ଅବସରରେ 'ଯୁଥ' ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ, ଭୁବନେଶ୍ୱର ପକ୍ଷରୁ ପ୍ରଥମ ଥର ପାଇଁ 'ପଟ୍ଟଚିତ୍ର ଚିତ୍ରକଳା ପ୍ରତିଯୋଗିତା-୨୦୨୬' ଆୟୋଜିତ ହୋଇଯାଇଛି । ୟୁନିଟ୍-୩ସ୍ଥିତ ରାଜଧାନୀ କଳା ସଂସଦରେ ସେପ୍ଟେମ୍ବର ୨୦ ତାରିଖରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାକୁ ଚିତ୍ରକଳା ମାଧ୍ୟମରେ ଉପସ୍ଥାପନ କରିବା ସହ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର କଳାର ପ୍ରଚାର ଓ ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ରୂପ, ଲୀଳା ଓ ମହିମାକୁ ପଟ୍ଟଚିତ୍ର ମାଧ୍ୟମରେ ଚିତ୍ରିତ କରିଥିଲେ ।
ଏହି ଅବସରରେ ଭୁବନେଶ୍ୱର- ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ଗୁରୁ ଶ୍ରୀଧର ମହାରଣା, ବିଜେପି ଯୁବନେତା ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଗୀତାଞ୍ଜଳି ଆୱାର୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବୁଦ୍ଧ ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ପଟ୍ଟଚିତ୍ର ଶିଳ୍ପୀ ଗୁରୁ ଆଶିଷ ଦାସ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।
ପାରମ୍ପରିକ ପଟ୍ଟଚିତ୍ର କଳା ପ୍ରତି ଯୁବପିଢ଼ି ଓ କଳାପ୍ରେମୀମାନଙ୍କ ଆଗ୍ରହ ବୃଦ୍ଧି କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ଏହି ପ୍ରତିଯୋଗିତା ଏକ ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ପ୍ରତିଯୋଗିତାକୁ 'ଯୁଥ', ଭୁବନେଶ୍ୱରର କାର୍ଯ୍ୟକାରୀ ସଂଯୋଜକ ଅମୃତା ଲୋପାମୁଦ୍ରା ପରିଚାଳନା କରିଥିଲେ ।

## ବନ୍ୟା ଆଶ୍ରୟସ୍ଥଳୀରେ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦ୍‌ଯାପିତ

ବଡ଼ସାହି,(ନିପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ବତନଟୀ ବ୍ଲକ ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ଓଡ଼ିଶା ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଗ୍ରାମ୍ୟସ୍ତରୀୟ ସ୍ୱେଚ୍ଛା ସେବୀ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦ୍‌ଯାପିତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମକୁ ବେତନଟୀ ପଞ୍ଚାୟତ ସମିତି ଆୟୋଜନରେ ଓ ଫୋର୍ଡ ନାଖରା ସହଯୋଗ



କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାୟତ ଅଧିକାରିଣୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପି. କେ. ହିତାଂଶୁ ଜେନା ଅତିରିକ୍ତ ତହସିଲଦାର ବେତନଟୀ, ସ୍ୱତନ୍ତ୍ର ଅତିଥି ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ ବକ୍ତା ସୁବାସ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ବୈଶିଙ୍ଗା ମହାବିଦ୍ୟାଳୟ, ସମ୍ମାନନୀୟ ଅତିଥି ତିଲୋକେଶ୍ୱର ଦୁର୍ଗା ସମ୍ପାଦକ ବନ୍ୟା ଆଶ୍ରୟସ୍ଥଳୀ ଯୋଗ ଦେଇଥିଲେ । ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ମାଷ୍ଟର ଟ୍ରେନର କବିତା ଘଡେଇ, ଜୁଲିମଣି ବେହେରା ଓ ମାନସୀ ମିଶ୍ର ଥିଓରୀ ଓ ପ୍ରାକ୍ଟିକାଲ କରିବା ସହିତ ବିଭିନ୍ନ ପ୍ରଶ୍ନୋତ୍ତର ଓ ଖେଳ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ସମୟରେ ସହଯୋଗ କଲେ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସାମାନ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କୁ ପରୀକ୍ଷା କରାଯାଇ ଅତିଥିବୃନ୍ଦ ୩ ଜଣଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିବା ସହିତ କେତେକ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ସୁବିଧା ଦାବି

ନିରାକାରପୁର,(ନିପ୍ର):ରାଜ୍ୟ ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ତୀର୍ଥଯାତ୍ରା ଯୋଜନାରେ ସଂଖ୍ୟାଲଘୁ ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନାଗରିକମାନଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି । ଏହି ସମ୍ପର୍କରେ 'ଅଞ୍ଜୁମନ୍ ଇସଲାମିଆ' ସିକୋ ହଲକାର ସଭାପତି ହାଜୀ ଅବଦୁଲ ରଜାକ୍ ଖାଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରେରଣ କରିଛନ୍ତି ।ରାଜ୍ୟ ସରକାରଙ୍କ ସହାୟତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କୁ ଦେଶର ପ୍ରମୁଖ ତୀର୍ଥସ୍ଥଳୀଗୁଡ଼ିକୁ ପରିଦର୍ଶନ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ମାତ୍ର ସଂଖ୍ୟାଲଘୁ ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନାଗରିକମାନେ ଏହି ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଚିଠିରେ ଦର୍ଶାଯାଇଛି । ସୂଚନାଯୋଗ୍ୟ ଯେ ଅକ୍ଟୋବର ୨୩ ତାରିଖରେ ହୋଟେଲ ସ୍ୱସ୍ତି ପ୍ରିମିୟମରେ 'ସପ୍ତମ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀ' ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ରାଜ୍ୟର ପର୍ଯ୍ୟଟନ ନୀତି, ଭ୍ରମଣ ସୁବିଧା ଏବଂ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ଆଲୋଚନା ହେବ ।ସଂଖ୍ୟାଲଘୁ ସମ୍ପ୍ରଦାୟର ବରିଷ୍ଠ ନାଗରିକଙ୍କ ଏହି ତୀର୍ଥଯାତ୍ରା ସୁବିଧା ଓ ଭ୍ରମଣ ବ୍ୟବସ୍ଥା ସମ୍ପର୍କରେ ଆସନ୍ତା ଏହି ପର୍ଯ୍ୟଟନ ସମ୍ମିଳନୀ ଏବଂ ସରକାରୀ ବୈଠକରେ ଗୁରୁତ୍ୱର ସହ ଆଲୋଚନା କରି ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରିବାକୁ ସେମାନଙ୍କ ତରଫରୁ ଅନୁରୋଧ କରାଯାଇଛି ।

## ବେଲଗୁଣ୍ଠାରେ ସମୂହ ଗଣେଶ ବିସର୍ଜନ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ବେଲଗୁଣ୍ଠା, (ନିପ୍ର): ବେଲଗୁଣ୍ଠା ସହରରେ ଦୀର୍ଘ ଆଠ ବର୍ଷ ଧରି ଚାଲିଆସୁଥିବା ସମୂହ ଗଣେଶ ବିସର୍ଜନ ଉତ୍ସବ ଆଜି ଭକ୍ତି ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଛି । ସହରର ବିଭିନ୍ନ ସାହିରେ ପୂଜା ପାଉଥିବା ଗଣେଶ ମେଢ଼ଗୁଡ଼ିକ ଏକତ୍ରିତ ହୋଇ ସମୂହ ବିସର୍ଜନ ଉତ୍ସବରେ ସାମିଲ ହୋଇଥିଲେ । ଏହି ଅବସରରେ ବେଲଗୁଣ୍ଠା ସହର ଉତ୍ସବମୁଖର ପରିବେଶ ସହ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସମୂହ ବିସର୍ଜନ କାର୍ଯ୍ୟକ୍ରମ ପୂର୍ବରୁ ଶନିବାର ରାତିରେ ବେଲଗୁଣ୍ଠା ଥାନା ପରିସରରେ ଲଟେରୀ ମାଧ୍ୟମରେ ବିଭିନ୍ନ ମେଢ଼ର କ୍ରମ ନିର୍ଦ୍ଧାରଣ କରାଯାଇଥିଲା । ବଣିକ ସଂଘ ସଭାପତି, ବେଲଗୁଣ୍ଠା ପ୍ରେସ୍‌କ୍ଲବ ସଭାପତି, ମା' ଦକ୍ଷିଣକାଳୀ ଯାତ୍ରା କମିଟି ସଭାପତି, ସାମ୍ବାଦିକଙ୍କ ସମେତ ବିଭିନ୍ନ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଲଟେରୀ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୬ଟା ସୁଦ୍ଧା ସମସ୍ତ ମେଢ଼କୁ ପେଣ୍ଠ ସାହିରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇବାକୁ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଜି ସରକାରଙ୍କ ନୀତିନିୟମ ଅନୁସାରେ ପାରମ୍ପରିକ ବାଦ୍ୟବାଜଣା ସହ ପ୍ରତ୍ୟେକ ମେଢ଼ ନିଜ ନିଜ ସାହି ପରିକ୍ରମା କରି ପେଣ୍ଠ ସାହିରେ ରାତ୍ର ସାତ ଘଣ୍ଟା ତିରିଶ ମିନିଟରେ ଏକତ୍ରିତ ହୋଇଥିଲା । ସେଠାରେ ସମୂହ ଭାବେ ୧୦୮ ଆଳତି ଓ ପୂଜା କରାଯାଇଥିଲା । ଆଳତି ଦର୍ଶନ ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖାଯାଇଥିଲା । ପୋଲିସ ପ୍ରଶାସନର ଉପସ୍ଥିତିରେ ନିର୍ଦ୍ଧାରିତ କ୍ରମ ଅନୁସାରେ ମେଢ଼ଗୁଡ଼ିକ ପେଣ୍ଠ ସାହି, ବାଙ୍କ ବଜାର, ହାଟପଦା ଦେଇ ଜଗନ୍ନାଥ ପ୍ରସାଦ ଛକ ଓ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା । ସେଠାରୁ ପୂଜା କମିଟିଗୁଡ଼ିକ ନିଜ ନିଜ ମେଢ଼କୁ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ବିସର୍ଜନ ସ୍ଥଳକୁ ନେଇଥିଲେ ।

## ଯୁକ୍ତ ଦୁଇ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭାପୁର,(ନିପ୍ର): ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୋମବାର ଦିନ ୪୪ ତମ ପ୍ରତିଷ୍ଠା ଦିବସ ଅଧକ୍ଷ ଫକୀର ମୋହନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ, ପ୍ରତିଷ୍ଠାତା ତଥା ସମ୍ପାଦକ ମହେନ୍ଦ୍ର କୁମାର ମହାନ୍ତି, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି, ନାରାୟଣ ତ୍ରିପାଠୀ, ପବିତ୍ର କୁମାର ସୁବୁଦ୍ଧି, ଜଳଧର ଖୁଣ୍ଟିଆ, ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜିବି ଲକ୍ଷ୍ମୀଧର ପଙ୍ଗାରି ନିମନ୍ତ୍ରିତ ଅତିଥି ରୂପେ ଯୋଗଦାନ କରିଥିଲେ । କଲେଜ ର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରହଲ୍ଲାଦ ସାହୁଙ୍କ ପରିବାର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ ସହିତ ଚରିତ୍ର ଗଠନ କରି କଲେଜର ନାଁ ରଖିବାକୁ ଆହ୍ୱାନ ଦେଇଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାୟଗଡା,(ନିପ୍ର): ବିଷମକଟକ ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବନଖଣ୍ଡ ଅଧିକାରୀ ସଚିନ ଅନାସାହେବ ଓହଲ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମ୍ଭର ବେହେରା, ବିଷମକଟକ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୪୯ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ, ସେଥିରୁ ୩୬ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ କରି ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

## ବିଜେଡି ନେତ୍ରୀଙ୍କ ଦେହାନ୍ତ

ପିପିଲି,(ନିପ୍ର): ପିପିଲି ଅନ୍ତର୍ଗତ ରଥପୁରୁଷୋତ୍ତମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପିପିଲି ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ରାଧାମଣୀ ପ୍ରଧାନଙ୍କ ବାଲିଗାଁ ସ୍ଥିତ ବାସଭବନରେ ବିୟୋଗ ଘଟିଛି । ସ୍ୱର୍ଗତ ରାଧାମଣୀ ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତ୍ରୀ ଭାବେ ପିପିଲି ବ୍ଲକରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପିପିଲି ବିଜେଡି ମହଲରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ତାଙ୍କ ତାଙ୍କ ଧର୍ମ ପତ୍ନୀ ଜାଗୃତି ପଣ୍ଡା ମହାରଥୀ , ଜିଲ୍ଲା ପରିଷଦ ଧରଣୀ ଧର ସାହୁ, କଣ୍ଟି ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରକାଶ ଧଳ,ସମାଜସେବୀ ଆର୍ତ୍ତବନ୍ଧୁ ସାମନ୍ତରାୟ, ରୂପଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ମିଶ୍ର ପ୍ରମୁଖଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତାମାନେ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ ।

## ରାଧାମାଧବ ପାଟଣାରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

କାକଟପୁର(ନିପ୍ର): କାଶତଣ୍ଡୀରେ ସଜ ହେଇ ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ପ୍ରାଚୀ ଉପତ୍ୟକାର ଗାଁରୁ ସହର । ଏହି ଅବସରରେ କାକଟପୁର ବ୍ଲକ ବାଜପୁର ଅନ୍ତର୍ଗତ ରାଧାମାଧବ ପାଟଣାର ନୃସିଂହନାଥ ୟୁଥ୍ କ୍ଲବ୍ ସର୍ବସାଧାରଣ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଜଗତଜନନୀ ମା' ଦୁର୍ଗାଙ୍କ ଆରାଧନା ପାଇଁ ଶୁଭ ମାଟି ଅନୁକୂଳ ପର୍ବ ସୂଚାରୁରୂପେ ସମ୍ପନ୍ନ ହୋଇଯାଇଛି । ବୈଦିକ ମନ୍ତ୍ରୋଚାରଣ ଓ ପୂଜାପାଠ ମଧ୍ୟରେ ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ଶୁଭ ମୃତ୍ତିକା ସଂଗ୍ରହ କରାଯାଇ ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦିତ ହୋଇଛି । ଏହି ନୀତିକାନ୍ତିରେ ଦେବୀ ଆରାଧନାର କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ଦାସ ଏବଂ କର୍ତ୍ତି ଭାବେ ସୀତା ଦାସ ନିଷ୍ଠାର ସହ ନିଷ୍ଠାପର ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ । ପୂଜା କମିଟିର ସଭାପତି ଅନାର୍ଯ୍ୟାମି ସୁବୁଦ୍ଧି ଓ ସମ୍ପାଦକ ଦେବରାଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଚଳିତ ବର୍ଷ ପୂଜାକୁ ଅତି ଆଡ଼ମ୍ବର ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ କ୍ଲବ୍‌ର ସମସ୍ତ ସଦସ୍ୟ ସଙ୍କଳ୍ପବଦ୍ଧ ହୋଇଛନ୍ତି ।

## ମହାକାଳପଡ଼ାରେ ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ : ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

ମାର୍ଶାଘାଇ,(ନି.ପ୍ର): ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଅଙ୍ଗୁଳାଇ ସ୍ଥିତ ଆଲଫା ମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମହାକାଳପଡ଼ା ଯୁବ କଂଗ୍ରେସ ସଭାପତି ରତିକାନ୍ତ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲିପ୍ସା ନାୟକ ଏବଂ ମହାକାଳପଡ଼ା ନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ବିଭ୍ରାଂଶୁ ଶେଖର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଶିକ୍ଷ୍ୟାଂଶୁ ଲେଙ୍କା, ବରିଷ୍ଠ ନାରୀନେତ୍ରୀ ତଥା ସିଳିପୁର ପଞ୍ଚାୟତ ସମିତିସଭ୍ୟା




ଭାରତୀ କାନୁନଗୋ ଏବଂ ଯୁବ କଂଗ୍ରେସ ଉପସଭାପତି କାର୍ତ୍ତିକ ବେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ମହାକାଳପଡ଼ା ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ । ବୈଠକରେ ଯୋଗଦେଇ ବିଭ୍ରାଂଶୁ ଶେଖର ଲେଙ୍କା କହିଥିଲେ ଯେ, କଂଗ୍ରେସ ଦଳ ଏକ ବିଶାଳ ଦ୍ରୁମ (ବୃକ୍ଷ) ସଦୃଶ ଏବଂ ଯୁବ କଂଗ୍ରେସ ହେଉଛି ତାହାର ମୁଖ୍ୟ ଶାଖା । ନିଷ୍ଠାର ସହ ସାଧାରଣ ଲୋକଙ୍କ ସମସ୍ୟା ସହିତ ଜଡ଼ିତ ରହି ଯୁବ କର୍ମକର୍ତ୍ତାମାନେ ସଂଗଠନକୁ ମଜଭୁତ କରିବାକୁ ସେ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ଭାରତ ପରି ସାର୍ବଭୌମ ଦେଶରେ ସାଧାରଣ ଲୋକଙ୍କ ପାଇଁ ମନ୍ଦିର ନୁହେଁ ରୋଟି, କପଡ଼ା ଓ ମକାନ ଅଧିକ ଆବଶ୍ୟକ ।ମହାକାଳପଡ଼ା ଯୁବ କଂଗ୍ରେସ ସବୁବେଳେ ଲୋକଙ୍କ ସମସ୍ୟା ପାଇଁ ଲଢ଼େଇ କରିଆସିଛି । ଆଗାମୀ ଦିନରେ ଦଳକୁ ଅଧିକ ମଜଭୁତ କରାଯିବ ବୋଲି ମତବ୍ୟକ୍ତ କରିବା ସହ ପରିଶେଷରେ ଯୁବ ସଭାପତି ରତିକାନ୍ତ ବେଉରା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଳିତ କବି ଡ. ଆର୍ତ୍ତତ୍ରାଣ ସାହୁଙ୍କୁ 'ଓଡ଼ିଶା ରତ୍ନ ଜାତୀୟ ସମ୍ମାନ ୨୦୨୬'

ନିରାକାରପୁର,(ନିପ୍ର): ନ୍ୟାସନାଲ ଏକାଡେମୀ ଅଫ୍ ସାକ୍ଷରତା ମିଶନ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ କବି ତଥା ଅଳଙ୍କାର ବ୍ୟବସାୟୀ ଡ. ଆର୍ତ୍ତତ୍ରାଣ ସାହୁଙ୍କୁ 'ଓଡ଼ିଶା ରତ୍ନ ଜାତୀୟ ସମ୍ମାନ ୨୦୨୬'ରେ ସମ୍ମାନିତ କରାଯାଇଛି । ସାହିତ୍ୟ, ସଂସ୍କୃତି ଏବଂ ବ୍ୟବସାୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ ସମର୍ପିତ ସେବା ପାଇଁ ଏହି ସମ୍ମାନଜନକ 'ସାର୍ଟିଫିକେଟ୍ ଅଫ୍ ଏକ୍ସଲେନ୍ସ' ପ୍ରଦାନ କରାଯାଇଛି । ଭୁବନେଶ୍ୱର ସାଲିଆସାହି ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚ ପରିସରରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।



ସମାଜ ପ୍ରତି ତାଙ୍କର ଏହି ନିଷ୍ଠାପର କାର୍ଯ୍ୟ ଓ ସମ୍ମାନଜନକ ପୁରସ୍କାର ପାଇଁ ନିରାକାରପୁର ଅଞ୍ଚଳରେ ଖୁସି ଦେଖାଦେଇଛି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଯାଇଛି । ସେ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସ୍ୱରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶ୍ରୀଗଣେଶ , ଅଭୁଲା ସ୍ମୃତି , ଶ୍ରୀକ୍ଷେତ୍ରେ ଶ୍ରୀ ଜଗନ୍ନାଥ ଓ ଶ୍ରୀୟା ଚଣ୍ଡାଳୁଣୀ, ଶ୍ରୀକୃଷ୍ଣ, ଭକ୍ତି ବିଳାସ ପ୍ରଭୃତି ପୁସ୍ତକ ରଚନା କରିଛନ୍ତି ।

## ସମ୍ଭାବ୍ୟ ଗଭୀର ଅବପାତ ଓ ବର୍ଷାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି




ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଗଭୀର ଅବପାତ ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ସେପ୍ଟେମ୍ବର ୨୩ ଓ ୨୪ ତାରିଖରେ ରେଡ୍ ଜୋନ୍ ଥିବା ହେତୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ତୀବ୍ର ବେଗରେ ପବନ ହେବାର ସମ୍ଭାବନା ରହିଛି । ସେଥି ନେଇ ଜିଲ୍ଲା, ବ୍ଲକ୍ ଓ ତହସିଲସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବା ସହ ମୁଖ୍ୟାଳୟ ନଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନିଶମ ବାହିନୀକୁ ମଧ୍ୟ ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ମରାମତି, ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ସାତଟି ବ୍ଲକ୍‌ର ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭୂସ୍ଖଳନପ୍ରବଣ ଅଞ୍ଚଳ, ପାହାଡ଼ ତଳେ ରହୁଥିବା ଲୋକ, ତଳିଆ ଅଞ୍ଚଳ ଓ ଦୁର୍ବଳ କିମ୍ବା କଚ୍ଚା ଘରେ ରହୁଥିବା ପରିବାରଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଆସୁଛି ପାର୍ବଣ ଋତୁ: ସବୁଠି କାଶତଣ୍ଡୀର ସମ୍ଭାର



ବୁଗୁଡ଼ା,(ନିପ୍ର): ଅକ୍ଟୋବର ମାସରେ ଦଶହରା । ମା' ଜଗତଜନନୀ ମହିଷାମର୍ଦ୍ଦିନୀ ଧରାପୃଷ୍ଠକୁ ବିଜେକରି ଅଧର୍ମ ବିନାଶ କରି ଧର୍ମର ସ୍ଥାପନ କରିବେ । ଗଣେଶ ପୂଜା ଓ ନୂଆଁଖାଇ ପରେ ଆରମ୍ଭ ହେବ ପାର୍ବଣର ଋତୁ ଦଶହରା । ସହରଠୁ ଆରମ୍ଭ କରି ଗ୍ରାମ ଦୁଆରକୁ ମା' ଦୁର୍ଗାଙ୍କ ସ୍ୱାଗତ ପାଇଁ ସୁସଜ୍ଜିତ କରାଯାଉଥିବା ବେଳେ ପ୍ରକୃତି ମଧ୍ୟ ଧରାପୃଷ୍ଠକୁ ଶ୍ୱେତ ବସ୍ତ୍ରରେ କାଶତଣ୍ଡୀକୁ ଆଗମନ କରାଇ ମା' ଜଗତଜନନୀ ଦୁର୍ଗାଙ୍କୁ ସ୍ୱାଗତ ଜଣାଉଛି । ଏବେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣରେ କାଶତଣ୍ଡୀ ଫୁଟିଛି । କାଶତଣ୍ଡୀକୁ ଦେଖିଲେ ଶରତ ଋତୁର ଆଗମନ ଓ ତା ସହିତ ଦେବୀ ଦୁର୍ଗାଙ୍କ ପାର୍ବଣ ପୂଜା ପାଖେଇ ଆସୁଥିବା ଜଣାପଡେ । ଏବେ କାଶତଣ୍ଡୀ ହସି କହିଲାଣି ପାର୍ବଣର ଋତୁ ଆସୁଛି । ଜଳବାୟୁ ପରିବର୍ତ୍ତନ ପାଇଁ ଏ ବର୍ଷ କାଶତଣ୍ଡୀ ଆଗରୁ ଫୁଟିଛି । ସୁଲୁସୁଲିଆ ପବନରେ କାଶତଣ୍ଡୀ ହଲି ଦୋହଲି ପ୍ରକୃତିପ୍ରେମୀ,ଭାବୁକମାନଙ୍କ ମନକୁ ପୁଲକିତ କରୁଛି । ପ୍ରକୃତି ରାଣୀ ସତେ ଯେପରି ଧଳା ରଙ୍ଗର ଚାମର ଧରି ପାର୍ବଣ ଋତୁକୁ ସ୍ୱାଗତ କରିବା ସହ ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି । ରାସ୍ତା ପାର୍ଶ୍ୱରେ ଫୁଟିଥିବା କାଶତଣ୍ଡୀ ପଥଚାରୀମାନଙ୍କୁ ଆନମନା କରୁଛି । କିଛି ଲୋକ ଘଡ଼ିଏ ଅଟକି ଯାଉଛନ୍ତି,ଆଉ ମନଭରି ଉପଭୋଗ କରୁଛନ୍ତି ପ୍ରକୃତି ରାଣୀର ଏ ମନଲୋଭା ଦୃଶ୍ୟକୁ । ଧଳା ରଙ୍ଗ ଶାନ୍ତିର ପ୍ରତୀକ ହୋଇଥିବାରୁ କାଶତଣ୍ଡୀ ସାରା ସଂସାରରେ ବିଞ୍ଚି ଚାଲିଛି ସତ୍ୟ ଓ ଶାନ୍ତିର ବାର୍ତ୍ତା । ପ୍ରକୃତି ରାଣୀ ସତେ ଯେପରି ନିଜକୁ ଧଳା ଚାଦରରେ ଘୋଡାଇ ହୋଇଛି । ରାସ୍ତା କଡର କାଶତଣ୍ଡୀ ପଥଚାରୀଙ୍କୁ ହସି ହସି କହୁଛି ସମସ୍ତେ ପ୍ରସ୍ତୁତ ରୁହ ଆଗକୁ ପାର୍ବଣ ଋତୁ ଆସୁଛି ।

ତିଥି :(ଏକାଦଶୀ): (ଉତ୍ତରାଷାଢା ମକର)
ଅମୃତ ବେଳା: ଦିବା ଘ ୬।୨୭ ମଧ୍ୟେ ଘ୭।୧୫ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ସାଧକମାନଙ୍କର ଚିତ୍ତ ଅବ୍ୟକ୍ତ ପ୍ରତି ଆସକ୍ତ, ସେମାନଙ୍କୁ ନିଜ ସାଧନାରେ ଅଧିକ କ୍ଳେଶ ହୁଏ, କାରଣ ଦେହାଭିମାନଙ୍କ ଦ୍ୱାରା ବହୁ କଷ୍ଟରେ ଅବ୍ୟକ୍ତ ବିଷୟକ ଗତି ପ୍ରାପ୍ତ କରାଯାଏ।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଗରିମା ଓ ଶୃଙ୍ଖଳା ରକ୍ଷା ହେଉ

ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ସେପ୍ଟେମ୍ବର ୨୨ରେ ଆରମ୍ଭ ହୋଇ ଚାଲିବ ଅକ୍ଟୋବର ୩ ପର୍ଯ୍ୟନ୍ତ। ଏହି ୧୨ ଦିନିଆ ଅଧିବେଶନରୁ ତିନିଦିନି ଛୁଟି ବାଦ୍ ଦେଲେ ବାକି ରହିଛି ୯ଟି କାର୍ଯ୍ୟଦିବସ। ଏଥର ବସୁଛି ମୌସୁମୀ ଅଧିବେଶନ। ମୌସୁମୀ କାହିଁକି ଯେବେ ବି ଯେଉଁ ଅଧିବେଶନ ବସୁଛି ସେତେବେଳେ ଲକ୍ଷ୍ୟ କରାଯାଉଛି ସରକାର ଓ ବିରୋଧୀଙ୍କ ମଧ୍ୟରେ କାହାର ବଳ ଅଧିକ ତାହା ଏକପ୍ରକାର କଷାକଷି ହିଁ ହେଉଛି ଗୃହରେ। ଜନସ୍ୱାର୍ଥ ସମ୍ବଳିତ ନିର୍ଯାସ ଅପେକ୍ଷାକୃତ କମ୍ ଆସୁଛି। ଗଣତନ୍ତ୍ରର ଏହି ମନ୍ଦିର ଚାଲିଛି ନାଗରିକଙ୍କ ଅର୍ଥରେ। ଯେବେ ଏହା ଠିକ୍ ଭାବରେ ଚାଲିପାରେ ନାହିଁ ସେତେବେଳେ ଲକ୍ଷ୍ୟ କରାଯାଏ ଶାସକ ଓ ବିରୋଧୀ ପରସ୍ପର ଦୋଷ ଲଦାଲଦି ଅଧିକ ହୁଏ। କିନ୍ତୁ ଆବଶ୍ୟକତା ଯେ ବିଧାନସଭାରେ ଯଥାର୍ଥ ଭାବରେ ପ୍ରଶ୍ନୋତ୍ତର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ନିର୍ବିଘ୍ନରେ ସଂପାଦିତ ହେଉ। ତାହାକୁ ଠିକଣା ଭାବରେ ସଂପନ୍ନ କରାଇବା ଦାୟିତ୍ୱ ଉଭୟ ଶାସକ ଓ ବିରୋଧୀ ଦଳଙ୍କର, ଏହା ସର୍ବଦା ସ୍ମରଣକୁ ଆସିବା ଜରୁରୀ। କିନ୍ତୁ ଠିକଣା ଭାବରେ ସଂପନ୍ନ ବହୁ ସମୟରେ ହୋଇପାରୁନଥିବା ଅତ୍ୟନ୍ତ ଦୁଃଖଦାୟକ ତଥା ଦୁର୍ଭାଗ୍ୟଜନକ। ଜନତା ଜନାର୍ଦ୍ଦନ ସବୁ ଦେଖୁଛନ୍ତି। ଉଣାଅଧିକେ ବିଧାନସଭା ଖବରରୁ ଲୋକେ ସବୁ ପରଖୁଥିବା ବହୁ ମହଲ ମତବ୍ୟକ୍ତ କରନ୍ତି। ବିଚାରସଂପନ୍ନତା ସହ ଆବଶ୍ୟକ ପ୍ରସଙ୍ଗ ଏହି ଗୃହରେ ଉପସ୍ଥାପିତ ହେବା ଲୋଡ଼ା ଯାହା ବୃହତ୍ତର ବର୍ଗର ସ୍ୱାର୍ଥ ସୁରକ୍ଷା କରିବାରେ ଉଦ୍ଦିଷ୍ଟ ହେବ।

ଏଥର ବିଜେଡି ଓ କଂଗ୍ରେସ ପ୍ରସ୍ତୁତ କରୁଥିବା ରଣନୀତି ସଂପର୍କରେ ଗଣମାଧ୍ୟମରେ ଯାହା ଖବର ରହିଛି ତାହା ସଂକ୍ଷେପରେ ଆଲୋଚନା କଲେ ଏତିକି ହେବ: ଦୁଇ ଦଳ ଏମ୍ଏମ୍ଡିଆର୍, ପାଠ୍ୟପୁସ୍ତକ ଛାପା ତ୍ରୁଟି, ଧାନବିକ୍ରି ଆଧାରିତ ଚାଷୀଙ୍କ ପଞ୍ଜୀକରଣ ସଂକ୍ରାନ୍ତ ସମସ୍ୟା, ଶିକ୍ଷକ ନିଯୁକ୍ତି, ଛାତ୍ରସଂସଦ ନିର୍ବାଚନ, ଦରଦାମ୍ ବୃଦ୍ଧି, ମହାନଦୀ ପ୍ରସଙ୍ଗ, ଡିଜିପି ନିଯୁକ୍ତି ଓ ବନ୍ୟା ସ୍ଥିତି ମୁକାବିଲା ପ୍ରସଙ୍ଗ ଉପସ୍ଥାପିତ କରିପାରନ୍ତି। ପୁଣି ଆଗାମୀ ୨୯ରେ ଏମ୍ଏମ୍ଡିଆର ଆଇନ ବିରୋଧରେ ଇଣ୍ଡିମେଣ୍ଟ ବିଧାନସଭା ଘେରାଉ କରିବାକୁ କାର୍ଯ୍ୟସୂଚୀ ରଖିଛି। ଅପରପକ୍ଷେ ଶାସକ ବିଜେପି ପାଖରେ ଥିବା ପ୍ରସଙ୍ଗ ମଧ୍ୟରେ ରହିଛି ୟୁଏଇରୁ କିଭଳି ବିପୁଳ ପରିମାଣର ପୁଞ୍ଜି ଆକର୍ଷଣରୁ ରାଜ୍ୟ ସରକାର ସଫଳ ହେଲେ। ସେଭଳି ନାଇଡୁ କମିଶନ ଫାଇଲ ଗାଏବ ପ୍ରସଙ୍ଗ ନେଇ ବିରୋଧୀଙ୍କୁ ଶାସକ ଦଳ ନିଶାଣ କରିପାରେ। ତେବେ ଏ ସବୁ ଭିତରୁ ଏମ୍ଏମ୍ଡିଆର ସଂଶୋଧିତ ଅଧିନିୟମ- ୨୦୨୬ ଯୋଗୁଁ ଓଡ଼ିଶାର ପ୍ରଭୂତ କ୍ଷତିସାଧନ ହେବ ଦର୍ଶାଇ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ମିଳିତ ରଣହୁଙ୍କାର ଦିଆଯିବାକୁ ସଜବାଜ ହେଲାଣି। ଏ ପ୍ରସଙ୍ଗ ନେଇ ଗୃହ ଆରମ୍ଭ ଦିନରୁ ହୁଲସ୍ଥୁଲ ହେବା ସମ୍ଭାବନା ଅଧିକ ଥିବା କୁହାଯାଉଛି। ଏଥର ପୁଣି ଆସିପାରେ ଏକାଧିକ ବିଲ୍ ଓ ସଂଶୋଧିତ ବିଲ୍। ମଠ ମନ୍ଦିର ସୁପରିଚାଳନା ପାଇଁ ହିନ୍ଦୁ ଦେବୋତ୍ତର ଆଇନ ଓ ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ରେ ସଂଶୋଧନ ପ୍ରସ୍ତାବ ଆଣିପାରନ୍ତି ସରକାର। ଶୃଙ୍ଖଳିତ ଭାବରେ ଅଧିବେଶନ ଚାଲିବା, ଜନସ୍ୱାର୍ଥ ଆଧାରିତ ସମସ୍ୟାଗୁଡ଼ିକ ସମାଧାନ ଅଭିମୁଖୀ ହେବା ଲୋକେ ଚାହାନ୍ତି। ବିଧାନସଭାର ରହିଛି ଗରିମା, ପ୍ରସଙ୍ଗଗୁଡ଼ିକ ଉପରେ ତର୍କବିତର୍କ ହେଉ ମାତ୍ର ଗୃହ କାର୍ଯ୍ୟ ଅବଧିର ବଡ଼ଭାଗ ନଷ୍ଟ ନ ହେଉ, ଏହା ହିଁ କାମ୍ୟ।

# ୟୁପିଆଇ ଚାର୍ଜ : ରାଜନୀତି ଓ ଅର୍ଥନୀତି

**ଡ. ପ୍ରମୋଦ କୁମାର ପଣ୍ଡା**

> “ ୟୁପିଆଇ ଦିଆନିଆ ପ୍ରତିବର୍ଷ ବଢୁଛି। ମସିହା ୨୦୧୬- ୧୭ ରେ ୧.୭୮ ଲକ୍ଷ କୋଟିର ନେଣଦେଣ ହୋଇଥିଲା। ୨୦୨୫ - ୨୬ ରେ ୧୩୦୦୦ ଗୁଣ ବୃଦ୍ଧି ପାଇ ଏହା ୨୪.୧୬୨ ଲକ୍ଷ କୋଟିରେ ପହଞ୍ଚିଛି। ଏପରିସ୍ଥଳେ ସବୁବେଳେ ସବସିଡି ଦେବା ସମ୍ଭବ ନୁହେଁ। କେତେକଙ୍କ ମତରେ ଡିଜିଟାଲ ପେମେଣ୍ଟ ଯୋଗୁଁ ଟ୍ୟାକ୍ସ ବଢ଼େ। ନୋଟ ଛାପିବା ଖର୍ଚ୍ଚ କମେ । ସରକାରଙ୍କ ଲାଭ ହୁଏ। ଜନତା ଆଗରୁ ଟ୍ୟାକ୍ସ ଦେଉଛନ୍ତି। ତେଣୁ ଡିଜିଟାଲ ପେମେଣ୍ଟ କରମୁକ୍ତ ରଖିବା ଭଲ। ନୋଟ ଛପିବାରେ ସରକାର ପ୍ରତିବର୍ଷ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି। ବିମୁଦ୍ରିକରଣ ପରେ ମଧ୍ୟ ବଜାରରେ ନଗଦ କାରବାର କମ୍ ହୋଇନାହିଁ। ଜୁନ ୨୦୧୬ ରେ ୧୭.୩୩ ଲକ୍ଷ କୋଟି ନଗଦ ଟଙ୍କା ବଜାରରେ ପ୍ରଚଳିତ ଥିଲା। ଜୁନ ୨୦୨୬ ବେଳକୁ ୧୪୮% ବୃଦ୍ଧି ଘଟି ଏହା ୪୨.୯୪ ଲକ୍ଷ କୋଟିରେ ପହଞ୍ଚିଛି ।

ସମ୍ପ୍ରତି ଡିଜିଟାଲ୍ ପେମେଣ୍ଟ ଜୀବନକୁ ଖୁବ ସହଜ କରିଦେଇଛି। ନଗଦ ନ ଥାଇ ମାତ୍ର ଏକ ମୋବାଇଲ୍ ଫୋନ୍ ମାଧ୍ୟମରେ ସମସ୍ତ କାରବାର ସମ୍ଭବ ହୋଇପାରୁଛି। ୟୁପିଆଇର ମାଗଣା ସେବା ଡିଜିଟାଲ୍ ବିପ୍ଳବର ସବୁଠୁ ବଡ଼ କାରଣ । ପନିପରିବା ଓ ଚା’ ଦୋକାନରୁ ଆରମ୍ଭ କରି ବଡ଼ ମଲ୍ ଯାଏ ସବୁଠି ଏହା ସଫଳ ଓ ସୁରକ୍ଷିତ ଭାବେ ବ୍ୟବହୃତ ହେଉଛି। ଫୋନ୍ ପେ, ଗୁଗୁଲ ପେ, ପେଟିଏମ ତୁଳନାରେ କ୍ରେଡିଟ କାର୍ଡ଼, ଡେବିଟ କାର୍ଡ଼ ଇତ୍ୟାଦିର ବ୍ୟବହାର ବହୁଳ ପରିମାଣରେ କମି ଗଲାଣି। ନାହିଁ କହିଲେ ଚଳେ। କିନ୍ତୁ ସରକାର ଏବେ ୟୁପିଆଇ ଉପଭୋକ୍ତାଙ୍କ ଠାରୁ କିଛି ଫି କିମ୍ବା ଚାର୍ଜ ଅସୁଲ କରିବାକୁ ଯାଉଛନ୍ତି ଯାହା ଆସନ୍ତା ଅକ୍ଟୋବର ୧୫, ୨୦୨୬ ରୁ ଲାଗୁ ହେବ। ସଂସଦର ଗତ ମୌସୁମୀ ଅଧିବେଶନରେ କର ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬ ମାଧ୍ୟମରେ ଏହା ପାରିତ ହୋଇଛି। ଚଳିତ ମାସ ଚଉଦ ତାରିଖରେ ଏ ସଂକ୍ରାନ୍ତ ସରକାରୀ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ ଓ ଅନ୍ୟାନ୍ୟ ଦେୟ ପ୍ରଦାନକାରୀଙ୍କ ଉପରେ ଏଣିକି ଏମଡ଼ିଆର ଲାଗିବ। ଏମଡ଼ିଆର ଅର୍ଥ ମାର୍ଚେଣ୍ଟସ ଡ଼ିସକାଉଣ୍ଟ ରେଟ। ଏହା ଏକ ଶୁଳ୍କ ଯାହା କୌଣସି ବ୍ୟାପାରୀ ପାଖରୁ ୟୁପିଆଇ ଜରିଆରେ ଅର୍ଥ ପ୍ରଦାନ ବେଳେ ଆଦାୟ କରାଯାଇଥାଏ। ୟୁପିଆଇ ମାଧ୍ୟମରେ ହେଉଥିବା ଡିଜିଟାଲ ପେମେଣ୍ଟ ପୂର୍ବରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ଥିଲା। ଏଥିରେ କୌଣସି ଶୁଳ୍କ ଲାଗୁ ନ ଥିଲା। ଏବେ ବ୍ୟାଙ୍କ, ପେମେଣ୍ଟ ପ୍ରୋଭାଇଡ଼ର ଯଥା = ପେଟିଏମ, ଜି ପେ, ଫୋନ୍ ପେ ଭଳି ପ୍ଲାଟଫର୍ମ ଉପରେ ଶୁଳ୍କ ଲାଗିବ। ତେବେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ଏବଂ ରୁ ପେ ଡ଼େବିଟ କାର୍ଡ଼ ନେଣଦେଣରେ କୌଣସି ଶୁଳ୍କ ଲାଗିବ ନାହିଁ। ସାଧାରଣ ଗ୍ରାହକ ଉପରେ ଚାର୍ଜ ନାହିଁ। ଛୋଟ ଦୋକାନୀ, ରାସ୍ତାକଡ଼ ବିକ୍ରେତା ଅଟୋ ଚାଳକ, କିରାନା ଷ୍ଟୋର ଇତ୍ୟାଦିଙ୍କୁ ଏଥିରେ ସାମିଲ କରାଯାଇନାହିଁ । ବାହାରେ ରଖାଯାଇଛି । କାରଣ ଏହାଙ୍କ ୟୁପିଆଇ ନେଣଦେଣ ୨୦୦୦ ଟଙ୍କାରୁ କମ୍ ହୋଇଥାଏ। ଏପରିକି ଛୋଟ ଦୋକାନୀ ଯଦି ମାସକରେ ଏକ ଲକ୍ଷ ଟଙ୍କା ମାର୍ଚେଣ୍ଟ ଟୁ ମାର୍ଚେଣ୍ଟ ଶ୍ରେଣୀରେ ପେମେଣ୍ଟ କରେ ତେବେ ମଧ୍ୟ ତାକୁ ଏମଡ଼ିଆର ଦେବାକୁ ହେବନାହିଁ। ପରିବାର ପରିଜନ, ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ପଇସା ପଠାଇବାରେ କିମ୍ବା ଦୋକାନରୁ ସାମାନ କିଣିବାରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍, ସାଧାରଣ ୟୁପିଆଇ ଉପଭୋକ୍ତାଙ୍କ ଉପରେ ଏହାର କେବେ କୌଣସି ପ୍ରଭାବ ପଡ଼ିବନାହିଁ। କୌଣସି ୟୁପିଆଇ ଉପଭୋକ୍ତା ଯଦି ୨୦୦୦ ଟଙ୍କାରୁ ଅଧିକ ଅନଲାଇନ ପେମେଣ୍ଟ କରନ୍ତି ତେବେ, ବ୍ୟାପାରୀଙ୍କୁ ୦.୪୦% ଶୁଳ୍କ ଦେବାକୁ ହେବ। ମନେ କରନ୍ତୁ କୌଣସି ଗ୍ରାହକ ବ୍ୟାପାରୀଙ୍କୁ ୨୦୦୦ ଟଙ୍କା ୟୁପିଆଇ ମାଧ୍ୟମରେ ପେମେଣ୍ଟ କଲା। ତେବେ ବ୍ୟାପାରୀଙ୍କୁ ଏହା ଉପରେ ୦.୦୪% ଦରରେ ୮ ଟଙ୍କା ଏମଡିଆର ଦେବାକୁ ପଡ଼ିବ ଯାହାର ୩.୨୦ ଟଙ୍କା ପେମେଣ୍ଟ କରୁଥିବା ବ୍ୟାଙ୍କ, ୨.୪୦ ଟଙ୍କା ପେମେଣ୍ଟ ନେଉଥିବା ବ୍ୟାଙ୍କ, ୧.୬୦ ଟଙ୍କା ୟୁପିଆଇ ଆପ୍ ଓ ବାକି ୮୦ ପଇସା ପ୍ରସେସିଂ ବ୍ୟାଙ୍କ ପାଖକୁ ଯିବ। ରେଳୱେ, ବୀମା, ଇନ୍ଧନ, କୃଷି ଇତ୍ୟାଦି ଜରୁରୀ ଇନପୁଟ୍ ଯଦି ୨୦୦୦ ଟଙ୍କାରୁ ଅଧିକ ହୁଏ ତେବେ ସେବା ପିଛା ପାଞ୍ଚଟଙ୍କା ଶୁଳ୍କ ଦେବାକୁ ହେବ।

ବ୍ୟକ୍ତି ଏବଂ ବ୍ୟାପାରୀ ମଧ୍ୟରେ ୟୁପିଆଇ ମାଧ୍ୟମରେ ୨୯% ନେଣଦେଣ ହୋଇଥାଏ ଯାହାର ସମୁଦାୟ ମୂଲ୍ୟ ୯୧ ଲକ୍ଷ କୋଟି ଟଙ୍କା। ଏହାର ୬୭% ନେଣଦେଣ ୨୦୦୦ ଟଙ୍କାରୁ ବେଶି ଯାହାର ମୂଲ୍ୟ ୬୧ ଲକ୍ଷ କୋଟି ଟଙ୍କା। ଏହି ଟଙ୍କା ଉପରେ ବ୍ୟାପାରୀ ପାଖରୁ ୦.୪୦% ଦରରେ ଶୁଳ୍କ ଆଦାୟ ହେବ ଯାହା ଉପରେ ବିରୋଧୀ ପ୍ରଶ୍ନ କରୁଛନ୍ତି। ତାଙ୍କ କହିବା କଥା ସରକାର ଜନତାଙ୍କୁ ନ ଜଣାଇ କାନୁନ ପରିବର୍ତ୍ତନ କରିଛନ୍ତି। ଦ୍ୱିତୀୟତଃ ଯଦିଓ ୦.୪୦% ଶୁଳ୍କ ବ୍ୟାପାରୀଙ୍କ ନିକଟରୁ ଆଦାୟ ହେବ ବୋଲି କୁହାଯାଉଛି, କିନ୍ତୁ ଏହି ବୋଝ ସାଧାରଣ ଜନତାଙ୍କ ମୁଣ୍ଡରେ ପଡ଼ିବ। ବ୍ୟାପାରୀ ଦରଦାମ ବୃଦ୍ଧି କରି ୟୁପିଆଇ ଶୁଳ୍କ ଭରଣା କରିବ। ତାଙ୍କ ନିଜ ପକେଟରୁ ପଇସା ଖର୍ଚ୍ଚ ହେବନାହିଁ। ତୃତୀୟତଃ, ଆଜି ସରକାର ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ଉପରୁ ଶୁଳ୍କ ଛାଡ଼ କରିଛନ୍ତି। କାଲି ହୁଏତ ଏହି ସିଲିଂ ଆହୁରି ତଳକୁ ଖସାଇ ଦେଇପାରନ୍ତି। କାରଣ ସଂଶୋଧିତ କାନୁନରେ ଏଥିପାଇଁ କୌଣସି ସଂରକ୍ଷଣ ପ୍ରାବଧାନ ନାହିଁ। କାନୁନ ନୀରବ ରହିଛି।

ତେବେ ଏତେଦିନ ଯାଏ ସମ୍ପୂର୍ଣ୍ଣ ମାଗଣା ଥିବା ୟୁପିଆଇ ପେମେଣ୍ଟ ପାଇଁ ଶୁଳ୍କ ଆଦାୟ କରିବାର ଯୁକ୍ତିଯୁକ୍ତ କାରଣ ରହିଛି। ୟୁପିଆଇ ଏବଂ ଅନ୍ୟ ପେମେଣ୍ଟ ଯଦିଓ ଆମ ପାଇଁ ମୁକ୍ତ, କିନ୍ତୁ ବ୍ୟବସ୍ଥା ବିନା ଖର୍ଚ୍ଚରେ ଚାଲୁନି। ଏଥିପାଇଁ ଏକ ବିଶାଳ ନେଟୱର୍କ କାମ କରିଥାଏ। ହାଇ ସ୍ପିଡ଼ ସର୍ଭର ଆବଶ୍ୟକ। ଅନବରତ ଇଣ୍ଟରନେଟ ବ୍ୟବହାର ହୁଏ। ସାଇବର ସୁରକ୍ଷା ଏବଂ ଫ୍ରଡ଼ ରୋକିବାକୁ ଟେକ୍ନୋଲୋଜି ଲଗାତାର ଅପଗ୍ରେଡ୍ କରାଯାଏ। ଏସବୁ କାମ ପାଇଁ ଖର୍ଚ୍ଚ ଆସେ। ଏକ ଅନୁମାନ ଅନୁଯାୟୀ ଭାରତରେ ୨୪ ଘଣ୍ଟିଆ ସୁରକ୍ଷିତ ୟୁପିଆଇ ଓ ଅନ୍ୟାନ୍ୟ ପେମେଣ୍ଟ ବାବଦକୁ ବାର୍ଷିକ ପ୍ରାୟ ୨୦,୦୦୦ କୋଟି ଖର୍ଚ୍ଚ ହୁଏ। ବ୍ୟାଙ୍କକୁ ସବସିଡି ମିଳେ। ସରକାର ଜନତାଙ୍କ ପଇସାରୁ ଦେଇଥାନ୍ତି। ବ୍ୟାପାରୀଙ୍କ ଠାରୁ ଶୁଳ୍କ ରୂପେ ଆଦାୟ କଲେ ଜନତାଙ୍କ ଟ୍ୟାକ୍ସ ବଞ୍ଚିବ। ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇପାରିବ। ଚୀନ, ଆମେରିକା,ଜାପାନ ଭଳି ସମୃଦ୍ଧଶାଳୀ ଦେଶ ମଧ୍ୟ ସବସିଡି ଦେଇନଥାନ୍ତି। ଚୀନରେ ଡିଜିଟାଲ୍ ପେମେଣ୍ଟ ପାଇଁ ୦.୩୮ % ରୁ ୦.୬୦% ଓ ଜାପାନରେ ୨% ରୁ ୩.୫% ପର୍ଯ୍ୟନ୍ତ ଟ୍ୟାକ୍ସ ଆଦାୟ ହୁଏ । ଡେବିଟ / କ୍ରେଡିଟ କାର୍ଡ଼ରେ କିଣାବିକା ପାଇଁ ଆମେରିକାରେ ୧% ରୁ ୩.୫% ପର୍ଯ୍ୟନ୍ତ କର ଅସୁଲ କରାଯାଏ। କିନ୍ତୁ ଭାରତ ବାର୍ଷିକ ୨୦୦୦ କୋଟି ସବସିଡି ଦିଏ। ମାଗଣା ୟୁପିଆଇ ବ୍ୟବସ୍ଥାକୁ ସ୍ଥାୟୀ ରୂପ ଦେବା କଣ ବୁଦ୍ଧିମାନୀ ହେବ ? ବୋଧହୁଏ ନୁହେଁ।

ୟୁପିଆଇ ପେମେଣ୍ଟର ସବସିଡି ଖର୍ଚ୍ଚ ବାବଦକୁ ଗତ ବର୍ଷ ବଜେଟରେ ୨୦୦୦ କୋଟି ଟଙ୍କାର ପ୍ରାବଧାନ ରଖାଯାଇଥିଲା। ୨୦୨୧ ରୁ ୨୦୨୫ ଆର୍ଥିକ ବର୍ଷ ମଧ୍ୟରେ ୟୁପିଆଇ ସବସିଡି ବାବଦରେ ୮୨୭୬ କୋଟି ଖର୍ଚ୍ଚ ହୋଇଛି।

ୟୁପିଆଇ ଦିଆନିଆ ପ୍ରତିବର୍ଷ ବଢୁଛି। ମସିହା ୨୦୧୬- ୧୭ ରେ ୧.୭୮ ଲକ୍ଷ କୋଟିର ନେଣଦେଣ ହୋଇଥିଲା। ୨୦୨୫ - ୨୬ ରେ ୧୩୦୦୦ ଗୁଣ ବୃଦ୍ଧି ପାଇ ଏହା ୨୪.୧୬୨ ଲକ୍ଷ କୋଟିରେ ପହଞ୍ଚିଛି। ଏପରିସ୍ଥଳେ ସବୁବେଳେ ସବସିଡି ଦେବା ସମ୍ଭବ ନୁହେଁ। କେତେକଙ୍କ ମତରେ ଡିଜିଟାଲ ପେମେଣ୍ଟ ଯୋଗୁଁ ଟ୍ୟାକ୍ସ ବଢ଼େ। ନୋଟ୍ ଛାପିବା ଖର୍ଚ୍ଚ କମେ । ସରକାରଙ୍କ ଲାଭ ହୁଏ। ଜନତା ଆଗରୁ ଟ୍ୟାକ୍ସ ଦେଉଛନ୍ତି। ତେଣୁ ଡିଜିଟାଲ ପେମେଣ୍ଟ କରମୁକ୍ତ ରଖିବା ଭଲ। ନୋଟ ଛପିବାରେ ସରକାର ପ୍ରତିବର୍ଷ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି। ବିମୁଦ୍ରିକରଣ ପରେ ମଧ୍ୟ ବଜାରରେ ନଗଦ କାରବାର କମ ହୋଇନାହିଁ। ଜୁନ ୨୦୧୬ ରେ ୧୭.୩୩ ଲକ୍ଷ କୋଟି ନଗଦ ଟଙ୍କା ବଜାରରେ ପ୍ରଚଳିତ ଥିଲା। ଜୁନ ୨୦୨୬ ବେଳକୁ ୧୪୮% ବୃଦ୍ଧି ଘଟି ଏହା ୪୨.୯୪ ଲକ୍ଷ କୋଟିରେ ପହଞ୍ଚିଛି । ଆର୍ଥିକ କାରବାରରେ ୟୁପିଆଇର ଭାଗ ୪୯ ପ୍ରତିଶତ। ପ୍ରତିଦିନ ୬୬ କୋଟି ଟଙ୍କାର ଡିଜିଟାଲ ପେମେଣ୍ଟ ହୋଇଥାଏ। ଏଭଳି ସ୍ଥିତିରେ ଅନଲାଇନ ପେମେଣ୍ଟରେ ବ୍ୟାପାରୀଙ୍କ ଠାରୁ କମ୍ ମାତ୍ରାରେ ଶୁଳ୍କ ଆଦାୟ ଅସମୀଚୀନ ମନେହୁଏ ନାହିଁ । ନ୍ୟାୟସଂଗତ ଲାଗେ। ଭାରତ ଆମେରିକାର ଚାପରେ ଏଭଳି ପଦକ୍ଷେପ ନେଉଥିବା ଅଭିଯୋଗ ମଧ୍ୟ ଫମ୍ପା ପ୍ରତୀୟମାନ ହୁଏ। କାରଣ ଭାରତ ନିଜସ୍ୱ ନିର୍ଣ୍ଣୟ ନେବାରେ ଆଦୌ ଅସମର୍ଥ ନୁହେଁ। ବ୍ୟାପାରୀ ଏମଡିଆର ଫାଙ୍କିବାକୁ ୟୁପିଆଇ ଶୁଳ୍କ ବୋଝ ଯେପରି ସାଧାରଣ ଗ୍ରାହକ ଉପରେ ନ ଲଦେ ସେଥିପ୍ରତି ତୀକ୍ଷ୍ଣ ନଜର ରଖିବାକୁ ହେବ। ଏମଡିଆରରୁ ବର୍ତ୍ତିବା ପାଇଁ ବ୍ୟାପାରୀ ଗ୍ରାହକକୁ ଆଜି ନଗଦ କାଲି ୟୁପିଆଇ କହିବ ନାହିଁ ତ ?

-ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର

ମୋ-୭୯୭୮୨୮୩୧୯୦

# ଚାଷୀମାନଙ୍କ ପାଇଁ ଶୀତଳ ଭଣ୍ଡାର ଚାଲୁ ହେବ କେବେ ?

**ପ୍ରଦୀପ୍ତ କୁମାର କର**

ବିହନ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ ଚାଷୀକୁ କେତେ ଯେ ପରିଶ୍ରମ କରେ ତାହା ଚାଷୀ ହିଁ ଜାଣେ। ତା ପାଖରେ ଯାହା ପୁଞ୍ଜି ଥାଏ , କିଛି ହାତ ଉଧାରି , ଶେଷରେ ଯଦି ବ୍ୟାଙ୍କ୍‌ରୁ ଋଣ ମିଳିଲା ତେବେ ତାହା ନେଇ ହାଡ଼ଭଙ୍ଗା ପରିଶ୍ରମ କରି ଫସଲ କରେ, କିନ୍ତୁ ଶେଷରେ ତାକୁ ଉଚିତ ମୂଲ୍ୟ ମିଳେନାହିଁ । ପ୍ରତିକୂଳ ପରିସ୍ଥିତିରେ ଚାଷ କଲେ କ୍ଷତି ହେଉଛି ଓ ଯଦି ଅଧିକ ଫସଲ ଉତ୍ପାଦନ ହେଉଛି ତେବେ ବି କ୍ଷତି ସହିବାକୁ ହେଉଛି । ଏଠାରେ ଗୋଟିଏ ଉଦାହରଣ ଆମେ ଯଦି କୋରାପୁଟ ଜିଲ୍ଲାକୁ ନେବା ତେବେ ଚାଷୀମାନଙ୍କ ଆର୍ଥିକ ସ୍ଥିତିର ଫାଇଦା ନେଇ ପାଖ ପଡ଼ୋଶୀ ରାଜ୍ୟର ବେପାରୀମାନେ ସେମିଳିଗୁଡାରେ ଥିବା ଓଡ଼ିଶାର ସର୍ବବୃହତ୍ କୁନ୍ଦୁଲି ହାଟରେ ସେହି ଅଞ୍ଚଳର ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବାକୁ ସୁଲଭ ଦରରେ କିଣିବା ପାଇଁ ଆଖପାଖ ଅଞ୍ଚଳର ଲୋକମାନଙ୍କ ଛଡା ଅନ୍ୟ ରାଜ୍ୟର ବେପାରୀମାନେ ଆସି ଖୁବ୍ ଭିଡ ଲାଗନ୍ତି । ଫଳରେ ଯେଉଁ ହାଟ ପ୍ରତି ଶୁକ୍ରବାର କେବଳ ଗୋଟିଏ ଦିନ ଲାଗୁଥିଲା ଏବେ ତାହା ପ୍ରାୟ ସବୁଦିନ ଲାଗୁଛି। ମାସକୁ ପ୍ରାୟ ୮ କୋଟି ପାଖାପାଖି ବ୍ୟବସାୟ ହେଉଛି । କିନ୍ତୁ ଚାଷୀ ତାର ପ୍ରକୃତ ମୂଲ୍ୟ ପାଉନାହିଁ। ଏହା ମୁଖ୍ୟ କାରଣ ହେଲା ଶୀତଳ ଭଣ୍ଡାର ଘୋର ଅଭାବ ଥିବାରୁ ବିଚରା ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟକୁ ଯେ କୌଣସି ଭାବରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଯଦିଓ ବି ସରକାରୀ ସ୍ତରରେ ଓ ସରକାରୀ ରେକର୍ଡର କୋରାପୁଟ ଜିଲ୍ଲାରେ ଦଶ ଗୋଟି ଶୀତଳ ଭଣ୍ଡାର ରହିଛି । କିନ୍ତୁ ଗୋଟିଏ ବି ଚଳନକ୍ଷମ ଅବସ୍ଥାରେ ନାହିଁ ।

ଜୟପୁରରେ ୫ ହଜାର ଟନ୍ ବିଶିଷ୍ଟ ଦୁଇଟି , ସୁନାବେଡାରେ ୫ ହଜାର ଟନ୍ ବିଶିଷ୍ଟ ଗୋଟିଏ ଘରୋଇ ରହିଛି । କିନ୍ତୁ ତାହା କାର୍ଯ୍ୟକ୍ଷମ ନୁହେଁ । କୁନ୍ଦୁଲି ଓଲେମ୍ ପକ୍ଷରୁ ୧୦ ଟନ୍ ଅବିଶିଷ୍ଟ ଶୀତଳ ଭଣ୍ଡାର ରହିଛି, ସେହିପରି ନିୟନ୍ତ୍ରିତ ବଜାର ପକ୍ଷରୁ ୫ ଗୋଟି ଶୀତଳ ଭଣ୍ଡାର ରହିଛି, ସେମିଳିଗୁଡା କଠକ ପାଖରେ ୧୫ ଟନ୍ ବିଶିଷ୍ଟ ଗୋଟିଏ ସରକାରୀ ଶୀତଳ ଭଣ୍ଡାର ରହିଛି। କିନ୍ତୁ ୧୯୬୨ ଓ ୨୦୦୨ ଯଥା କ୍ରମେ ବିଭିନ୍ନ ସମୟରେ ପରିଚାଳନା ଗତ ଦୃଷ୍ଟିରୁ ଓ ମରାମତି ଅଭାବରୁ ପ୍ରାୟ ୨୪ ବର୍ଷ ହେଲା ଏସବୁଗୁଡ଼ିକ ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ପଡ଼ିରହିଛି। ଗତ ସରକାର ୨୪ ବର୍ଷ ଶାସନ କାଳରେ ଏହି ସବୁକୁ ତାଙ୍କ ଦୃଷ୍ଟିକୁ ଆଣିଲେ ନାହିଁ । ଏବେକାର ସରକାର ମଧ୍ୟ ଏହାକୁ ତାଙ୍କ ଦୃଷ୍ଟିକୁ ଆଣିବେ ନାହିଁ । ଫଳରେ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ, ଷ୍ଟାଫ୍ କ୍ୱାର୍ଟର, ସବୁ ନଷ୍ଟ ହୋଇଗଲାଣି । ଫଳରେ ଚାଷୀମାନେ ଅନେକ ହୀନଅବସ୍ଥା ହେଉଛନ୍ତି ଓ ତାଙ୍କର ଉତ୍ପାଦଗୁଡ଼ିକୁ ବାଧ ହୋଇ କମ୍ ଦରରେ ବିକ୍ରି କରିଦେଉଛନ୍ତି। ନୂତନ ଶୀତଳ ଭଣ୍ଡାର ଓ ପୁରୁଣା ଶୀତଳ ଭଣ୍ଡାରଗୁଡ଼ିକର ମରାମତି ପାଇଁ ସରକାର ୨୦୨୫ରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ତାହା ସ୍ୱପ୍ନରେ ହିଁ ରହିଗଲା । ଚାଷୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କିନ୍ତୁ ଚାଷୀମାନଙ୍କ ଆର୍ଥିକ ଉନ୍ନତିରେ କୌଣସି ପରିବର୍ତ୍ତନ ହେଉ ନାହିଁ। ଏହି ଅବସ୍ଥା ସାରା ଦେଶରେ ହେଉଛି । ଚାଷୀଙ୍କୁ ଅନ୍ନଦାତା ବୋଲି ସମ୍ବୋଧନ କରି ଆମ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତି ଭାଷଣରେ ଖୁବ୍ ଜୋର୍ କହୁଛନ୍ତି । କିନ୍ତୁ ତାହା କେବଳ ପାଣିର ଗାର ସଦୃଶ ହୋଇ ରହିଯାଉଛି।

ଆମ ଦେଶରେ ତୃଣମୂଳ ସ୍ତରରେ ଯେତେ ପରିମାଣରେ ଚାଷୀମାନେ ରହିଛନ୍ତି ପ୍ରକୃତରେ ଓ କଷ୍ଟ ଅନୁଭବ କରୁଛନ୍ତି ତାହା କେହି ବୁଝି ପାରୁନାହାନ୍ତି । କିଛି ବଡ଼ ବଡ଼ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନେ ୫୦୦/ ୧୦୦୦ ଏକର ଜମି ଅଧିଗ୍ରହଣ କରି ନିଜର ଫାର୍ମ ହାଉସ ନିର୍ମାଣ ତାଙ୍କର କୃଷି ଉତ୍ପାଦକୁ ଠିକ୍ ଭାବରେ ବିକ୍ରି କରି ସେଥିରୁ ଖୁବ୍ ଉପାର୍ଜନ କରି ଚାଲିଛନ୍ତି, କିନ୍ତୁ ଜଣେ ସାଧାରଣ ଚାଷୀ ଆମ ଦେଶରେ ପ୍ରାୟ ଶିକ୍ଷିତ ନୁହନ୍ତି ଓ ସେମାନଙ୍କୁ ଉନ୍ନତ ପ୍ରଣାଳୀରେ ଚାଷ କରିବା ବା ଫସଲ ଉତ୍ପାଦ ପରେ ତାର ରକ୍ଷଣାବେକ୍ଷଣ ପାଇଁ ଯଥେଷ୍ଟ ପରିମାଣରେ ଶୀତଳ ଭଣ୍ଡାରର ଅଭାବ ଯୋଗୁଁହିଁ ଚାଷୀମାନେ ଅନେକ କ୍ଷତିରେ ରହୁଛନ୍ତି । ଫଳରେ ପ୍ରକୃତ ଚାଷୀମାନଙ୍କ ଅବସ୍ଥା ଦିନକୁ ଦିନ ଦୁର୍ଗତିପ୍ରାପ୍ତ ହେଉଛି। ଏହା କିନ୍ତୁ କେବଳ ଓଡ଼ିଶାର କୋରାପୁଟ ଜିଲ୍ଲାର ଘଟଣା ନୁହେଁ ଏହା ଆମ ଦେଶରେ ଅନେକ ଜିଲ୍ଲାରେ ରହିଛି ଯାହାର କି ସଂଶୋଧନର ନିହାତି ଆବଶ୍ୟକ ଅଟେ। କେନ୍ଦ୍ର ସରକାର ଓ ପ୍ରତି ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେବା ଉଚିତ।

ଭୁବନେଶ୍ୱର ମୋ-୯୮୬୧୦୭୫୪୦୪.

# ଯୁବଶକ୍ତି ବିକଶିତ ଭାରତର ପ୍ରାଣକେନ୍ଦ୍ର

**କିଶୋର ଚନ୍ଦ୍ର ବେହେରା**

> “ ଗ୍ରାମ ହେଉଛି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆତ୍ମା। ଗ୍ରାମରେ ଭରି ରହିଛି ନିଜ ରାଜ୍ୟର ସଂସ୍କୃତି, ପରମ୍ପରା ଓ ବଣଜଙ୍ଗଲ ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ । କୃଷି, ପରିଶ୍ରମ ଓ ସହଯୋଗ ମାଧ୍ୟମରେ ଗ୍ରାମୀଣ ଜୀବନ ଗଢ଼ି ଉଠେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ। ଯେତେବେଳେ ଗ୍ରାମର ଉନ୍ନତି, ଶିକ୍ଷା, ସ୍ୱଚ୍ଛତା ଓ ରୋଜଗାରର ବୃଦ୍ଧି ପାଏ, ସେତେବେଳେ ସମଗ୍ର ରାଜ୍ୟ ଆଗକୁ ବଢ଼େ । ଗ୍ରାମର ସୁଦୃଢତା ଓ ସମୃଦ୍ଧି ଏକ ବିକଶିତ ଓଡ଼ିଶା ଗଢ଼ିବାର ପ୍ରମୁଖ ଆଧାର । ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଜନମଙ୍ଗଳକାରୀ ଯୋଜନା ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଯୋଜନା କାର୍ଯ୍ୟକାରୀ ହେଉଛି।

ବିକଶିତ ଭାରତର ପ୍ରାଣକେନ୍ଦ୍ର ହେଉଛି ଯୁବଶକ୍ତି। ଯେକୌଣସି ଦେଶର ପ୍ରଗତି ଓ ସମୃଦ୍ଧି ତାହାର ଯୁବପିଢ଼ିର ଚିନ୍ତାଧାରା, ପରିଶ୍ରମ ଓ ସାମର୍ଥ୍ୟ ଉପରେ ନିର୍ଭର କରେ। ପୃଥିବୀର ବୃହତ୍ତମ ଗଣତନ୍ତ୍ର ଭାରତ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ରୂପେ ଆବିର୍ଭୂତ ହୋଇଛି। ଭାରତରେ ପରିଦୃଷ୍ଟ ରାଜନୈତିକ ସ୍ଥିରତା, ଆଇନର ଶାସନ ସହିତ ମିଶି ରହିଛି ଏକ ବୃହତ୍‌କାୟ ଶିକ୍ଷିତ ଯୁବ ଶ୍ରମଶକ୍ତି, ନୂତନ ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ନେତୃସ୍ଥାନୀୟ ଅଗ୍ରଗତି ଓ ଏକ ବିଶାଳ ଆଭ୍ୟନ୍ତରୀଣ ବଜାର। ନିକଟ ଭବିଷ୍ୟତରେ ତେଣୁ ଭାରତ ତା’ର ଏହି ସମସ୍ତ ଅନ୍ତର୍ନିହିତ ଶକ୍ତି ବଳରେ ଏକ ବିକଶିତ ଅର୍ଥନୀତିରେ ପରିଣତ ହୋଇ ଆନ୍ତର୍ଜାତିକ ଅର୍ଥନୈତିକ ପ୍ରତିଯୋଗିତାରେ ଯେ ବିଜୟ ଲାଭ କରିବାକୁ ଯାଉଛି ।

କୁହାଯାଏ ଯେ କୌଣସି ଦେଶକୁ ଆଗକୁ ବଢିବାକୁ ହେଲେ, ଏହାର ଯୁବ ସମାଜ ସଶକ୍ତ ଏବଂ ଦକ୍ଷ ହେବା ଆବଶ୍ୟକ। ଭାରତ ହେଉଛି ବିଶ୍ୱର ସେହି ଦେଶ ଯେଉଁଠାରେ ଯୁବକମାନଙ୍କର ସଂଖ୍ୟା ସର୍ବାଧିକ। ଦେଶର ବିକାଶର ଗତି ଯୁବକମାନଙ୍କ ଶକ୍ତି,ଚିନ୍ତାଧାରା ଏବଂ ନିଷ୍ଠା ଦ୍ୱାରା ନିରୂପିତ ହୋଇଥାଏ। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ, ଭାରତ କର୍ମଶକ୍ତିରେ ୭୦ ପ୍ରତିଶତ ମହିଳା ଅଂଶଗ୍ରହଣ ନିଶ୍ଚିତ କରିବାର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି। ମହିଳା ସଶକ୍ତୀକରଣ ଜାତୀୟ ପ୍ରଗତିରେ ଏକ ପ୍ରମୁଖ ଅଂଶିଦାର। ମହିଳାମାନେ ଆଉ ପାରମ୍ପରିକ ଭୂମିକାରେ ସୀମିତ ନାହାନ୍ତି, ସେମାନେ ଅତୀତର ଶିଙ୍କୁଳି ଛିଣ୍ଡାଇ ଦେଶର ଆର୍ଥିକ ଭବିଷ୍ୟତ ଗଠନର ଦାୟିତ୍ୱ ନେଉଛନ୍ତି। ଗ୍ରାମୀଣ ଉଦ୍ୟୋଗୀଙ୍କ ଠାରୁ ଆରମ୍ଭ କରି କର୍ପୋରେଟ୍ ନେତୃତ୍ୱ ପର୍ଯ୍ୟନ୍ତ, ମହିଳାମାନେ ଏକ ବିକଶିତ ଭାରତ ଆଡ଼କୁ ନିଜେ ନେତୃତ୍ୱ ନେଉଛନ୍ତି।

ବିଶ୍ୱର ସବୁଠାରୁ ଯୁବ ଦେଶ ମଧ୍ୟରେ ଭାରତ ଅନ୍ୟତମ, ଯେଉଁଠାରେ ଅଧିକାଂଶ ଜନସଂଖ୍ୟା କାର୍ଯ୍ୟକ୍ଷମ ଏବଂ କ୍ଷମତାଶାଳୀ। ବିକଶିତ ଭାରତ ଗଠନରେ ଯୁବଶକ୍ତିର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କାର୍ଯ୍ୟକ୍ରମ ମଧ୍ୟରେ ନବସୃଜନ ଓ ଷ୍ଟାର୍ଟଅପ୍ ଉଦ୍ୟୋଗୀ ମାନସିକତା । ଆଜିର ଯୁବପିଢ଼ି କେବଳ ଚାକିରି ଖୋଜୁନାହାନ୍ତି, ବରଂ ଚାକିରି ସୃଷ୍ଟି କରୁଛନ୍ତି । ନୂତନ ଜ୍ଞାନକୌଶଳ, କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ନୂଆ ନବସୃଜନାତ୍ମକ ପ୍ରକଳ୍ପ ଆରମ୍ଭ କରି ଯୁବପିଢ଼ି ଭାରତକୁ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଆଡ଼କୁ ଆଗେଇ ନେଉଛନ୍ତି। ଡିଜିଟାଲ୍ ବିପ୍ଳବ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଗୋଷ୍ଠୀଗତ ଶୃଙ୍ଖଳା ଏବଂ ରୋବୋଟିକ୍ସ ଭଳି ଆଧୁନିକ ଜ୍ଞାନକୌଶଳକୁ ଆପଣାଇବାରେ ଯୁବକମାନେ ଆଗଧାଡ଼ିରେ ଅଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି – ୨୦୨୦ ଏବଂ ‘ଦକ୍ଷତା ଭାରତ’ ଭଳି ଯୋଜନା ମାଧ୍ୟମରେ ଯୁବପିଢ଼ି ଆଧୁନିକ ବଜାରର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରୁଛନ୍ତି। ବୈଶ୍ୱିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତୀୟ ମେଧାବୀ ଯୁବକମାନେ ବିଶ୍ୱର ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ନେତୃତ୍ୱ ନେଉଛନ୍ତି, ଯାହା ଭାରତର ବୌଦ୍ଧିକ କ୍ଷମତାକୁ ପ୍ରମାଣିତ କରୁଛି । ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ମାଧ୍ୟମରେ ଆଜିର ଯୁବ ସମାଜ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ସ୍ୱଚ୍ଛତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରୁଛନ୍ତି। ନେତୃତ୍ୱ ସୃଷ୍ଟି କରି ରାଜନୀତି ଏବଂ



ପ୍ରଶାସନରେ ଯୁବପିଢ଼ିର ଅଂଶଗ୍ରହଣ ଦେଶର ନୀତି ନିର୍ଦ୍ଧାରଣକୁ ଏକ ନୂଆ ଦିଗ ଦେଉଛି ଯୁବ ପିଢି। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୁବ କ୍ରୀଡ଼ାବିତ୍ ଦେଶ ପାଇଁ ପଦକ ଜିତି ଭାରତର ନାମ ସାର୍ଥକ କରୁଛନ୍ତି। ବିକଶିତ ଭାରତ ପାଇଁ ଆବଶ୍ୟକ ପଦକ୍ଷେପ ଯୁବଶକ୍ତିର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ହେଲେ କେତେକ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ, ଯେପରିକି ସୁଯୋଗର ସମାନତା ଦିଗରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଯୁବକମାନଙ୍କୁ ସମାନ ଶିକ୍ଷା ଓ ରୋଜଗାରର ସୁଯୋଗ ମିଳିବା ଉଚିତ। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୁବପିଢ଼ିକୁ ନିଶାଦ୍ରବ୍ୟରୁ ଦୂରେଇ ରଖି ସେମାନଙ୍କର ସ୍ୱାସ୍ଥ୍ୟ ଓ ସକାରାତ୍ମକ ମାନସିକତା ଉପରେ କାର୍ଯ୍ୟ କରିବାକୁ ହେବ।

ଯୁବପିଢ଼ିଙ୍କ ନେତୃତ୍ୱ, ସୃଜନଶୀଳତା ଓ ନବସୃଜନକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେବା ଉଦ୍ଦେଶ୍ୟରେ ‘ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ –୨୦୨୭’ ସମ୍ପର୍କରେ ସରକାର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ଦେଉଛନ୍ତି।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ‘ମାଇଁ ଭାରତ ’ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ମାଧ୍ୟମରେ ଯୁବମାନଙ୍କୁ ‘ବିକଶିତ ଭାରତ – ୨୦୪୭’ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ଅପୂର୍ବ ସୁଯୋଗ ମିଳିପାରିବ। ଏହି ସଂଳାପ ହେଉଛି ରାଜ୍ୟ ଓ ଦେଶର ଆଗାମୀ ଯୁବ ନେତାମାନଙ୍କ ପାଇଁ ‘ଖେଳପଡ଼ିଆରୁ ସଂସଦ’ ଏବଂ ‘ଶ୍ରେଣୀଗୃହରୁ ପରିଷଦ କକ୍ଷ’ ପର୍ଯ୍ୟନ୍ତ ପହଞ୍ଚିବାର ଏକ ଦକ୍ଷ ମଞ୍ଚ। ଚିନ୍ତାଧାରାରୁ ନବସୃଜନ ପ୍ରକ୍ରିୟାରେ ବିଭିନ୍ନ ଉତ୍ପାଦ ଓ ସେବା ସାମିଲ ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଥିବା ନୂତନ ଚିନ୍ତାଧାରା ଏବଂ ନବସୃଜନକୁ କିପରି ସମୃଦ୍ଧ ଓ ପ୍ରୋତ୍ସାହିତ କରାଯାଇପାରିବ, ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ତମ ଚିନ୍ତାଧାରାଗୁଡ଼ିକୁ ସାକାର କରିବା ପାଇଁ ସରକାର ଆଇଆଇଟି ଏବଂ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକର ସହାୟତା ମଧ୍ୟ ନେଉଛନ୍ତି।

ଏହି କାର୍ଯ୍ୟକ୍ରମରେ ବିକଶିତ ଭାରତ ଚ୍ୟାଲେଞ୍ଜ, କଲଚରାଲ ଟ୍ରାକ୍, ଡିଜାଇନ୍ ଫର୍ ଭାରତ, ହ୍ୟାକ୍ ଫର୍ ସୋସିଆଲ୍ କଜ୍, ୟୁଥ୍ ଆଣ୍ଟ୍ରେପ୍ରେନରସିପ୍ ଚ୍ୟାଲେଞ୍ଜ ଏବଂ ୟୁଥ୍ ପାର୍ଲାମେଣ୍ଟ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ରହିଛି। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଯୁବପିଢ଼ିଙ୍କୁ ମାଇଁ ଭାରତ ପୋର୍ଟାଲ ଜରିଆରେ ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବାକୁ ସରକାର ଓ ଜନପ୍ରତିନିଧି ଆହ୍ୱାନ ଦେଇଛନ୍ତି।

ଗ୍ରାମ ହେଉଛି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆତ୍ମା। ଗ୍ରାମରେ ଭରି ରହିଛି ନିଜ ରାଜ୍ୟର ସଂସ୍କୃତି, ପରମ୍ପରା ଓ ବଣଜଙ୍ଗଲଭରା ପ୍ରାକୃତିକ ସୌନ୍ଦର୍ଯ୍ୟ । କୃଷି, ପରିଶ୍ରମ ଓ ସହଯୋଗ ମାଧ୍ୟମରେ ଗ୍ରାମୀଣ ଜୀବନ ଗଢ଼ି ଉଠେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ। ଯେତେବେଳେ ଗ୍ରାମର ଉନ୍ନତି, ଶିକ୍ଷା, ସ୍ୱଚ୍ଛତା ଓ ରୋଜଗାରର ବୃଦ୍ଧି ପାଏ, ସେତେବେଳେ ସମଗ୍ର ରାଜ୍ୟ ଆଗକୁ ବଢ଼େ । ଗ୍ରାମର ସୁଦୃଢତା ଓ ସମୃଦ୍ଧି ଏକ ବିକଶିତ ଓଡ଼ିଶା ଗଢ଼ିବାର ପ୍ରମୁଖ ଆଧାର । ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଜନମଙ୍ଗଳକାରୀ ଯୋଜନା “ବିକଶିତ ଗାଁ ବିକଶିତ ଓଡ଼ିଶା” ଯୋଜନା କାର୍ଯ୍ୟକାରୀ ହେଉଛି। ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା, ପୋଲ, ଖେଳପଡ଼ିଆ, ମୁକ୍ତ ବ୍ୟାୟାମ କେନ୍ଦ୍ର ଓ ଜଳାଶୟ ଆଦିର ବିକାଶ, ଭାଗବତ ଟୁଙ୍ଗୀ, ଭୋଗମଣ୍ଡପ ଓ ପୂଜାସ୍ଥଳୀର ନିର୍ମାଣ ଓ ପୁନରୁଦ୍ଧାର ସହ ସାଂସ୍କୃତିକ କେନ୍ଦ୍ର, ଗ୍ରନ୍ଥାଗାର ଆଦି ପାଇଁ ଏହି ପାଣ୍ଠି ଖର୍ଚ୍ଚ କରାଯାଇପାରିବ। ସେହିପରି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ, ସର୍ବସାଧାରଣ ଉପଯୋଗ ନିମନ୍ତେ କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ପୋଖରୀ ଓ ନଦୀରେ ଗାଧୁଆ ଘାଟ, ଅସ୍ଥାୟୀ ବଜାର ଓ ନାଳ ନର୍ଦ୍ଦମା ଆଦି ନିର୍ମାଣ ମଧ୍ୟ ହୋଇପାରିବ । ସ୍ୱାମୀ ବିବେକାନନ୍ଦ କହିଥିଲେ, ‘ମୋର ବିଶ୍ୱାସ ଯୁବପିଢି ଉପରେ ଅଛି।’ ଯଦି ଭାରତର ଯୁବଶକ୍ତି ସଠିକ୍ ଦିଗରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବେ, ତେବେ ଭାରତକୁ ଏକ ବିଶ୍ୱଗୁରୁ ଏବଂ ବିକଶିତ ରାଷ୍ଟ୍ର ହେବାରୁ କେହି ଅଟକାଇ ପାରିବେ ନାହିଁ।

ଜିଲ୍ଲା: କୋରାପୁଟ

ମୋ- ୯୪୩୭୯୫୫୫୬୮

## ଲଘୁଚାପ ସତର୍କତା, ମାଲୁଦ ବିଦ୍ୟୁତ୍ ବିଭାଗ ସଜାଗ

କୃଷ୍ଣପ୍ରସାଦ,୨୧।୯(ନିପ୍ର);ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ଦୁଇ ମାସ ଧରି ଲଗାତାର ପଛକୁ ପଛ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଏହି ବର୍ଷାରେ ଚାଷୀମାନଙ୍କର ଫସଲ ଉଜୁଡି ଯାଇଥିବା ବେଳେ ଝଡ଼ ତୋଫାନରେ ବିଦ୍ୟୁତ ବିଭାଗ ଆଖିରୁ ନିଦ ହଜିଯାଇଛି। ଦୁଇ ଦିନ ମଧ୍ୟରେ ଏକ ବଡ଼ ଧରଣର ଲଘୁଚାପ ହେବା ପାଣିପାଗ ବିଭାଗ ସତର୍କ କରାଇଥିବା ଜଣାଯାଇଛି । ବର୍ଷା ଦ୍ୱାରା ରାସ୍ତା ଘାଟ, ବିଦ୍ୟୁତ ଖୁଣ୍ଟ ଚାରିଆଡେ ଗଛ ଲତା ଘୋଡାଇ ରଖିଛି । ଗଛ ଲତା ଯୋଗୁଁ ବାରମ୍ବାର ବିଦ୍ୟୁତ କାଟ ହେଉଥିବା



ମଧ ଜଣାପଡିଛି । ଲଘୁଚାପକୁ ଦୃଷ୍ଟିରେ ରଖି ଧନ ଜୀବନ ସୁରକ୍ଷା ନିମନ୍ତେ ମାଲୁଦ ବିଦ୍ୟୁତ ବିଭାଗର ତତ୍ପରତା ପ୍ରକାଶ ପାଇଛି । ବିଦ୍ୟୁତ ଖୁଣ୍ଟ ଏବଂ ତାର ଉପରେ ମାଡିଥିବା ଗଛ ଡାଳ ଲତାକୁ ଯୁଦ୍ଧ କାଳୀନ ଭିତ୍ତିରେ ହାଣି ସଫା କରିବା ପାଇଁ ଲାଗି ପଡିଛନ୍ତି । ଲଘୁଚାପ ଝଡ଼ ତୋଫାନ ହେଲେ ମଧ ଲୋକମାନେ କିଭଳି ବିଦ୍ୟୁତ ସେବା ପାଇ ପାରିବେ ଏଥି ପାଇଁ କର୍ମଚାରୀ ମାନେ ଅହରହ କାମରେ ଲାଗି ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ବିଦ୍ୟୁତ ବିଭାଗର ଏଭଳି ଆଗୁଆ ସତର୍କତାକୁ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

## ଗାଈ ଚରେଇବାକୁ ଯାଇ ବୃଦ୍ଧ ମହାନଦୀରେ ନିଖୋଜ

ଭାପୁର,୨୧।୯ (ନିପ୍ର); ଫତେଗଡ଼ ଥାନା ଅଞ୍ଚଳର ଜଣେ ବୃଦ୍ଧ ମହାନଦୀ କୂଳରେ ଗାଈ ଚରାଉ ଥିବାବେଳେ ପାଣିରେ ଭାସି ଯାଇ ନିଖୋଜ ହୋଇଛି। ଘଟଣାରୁ ପ୍ରକାଶ,ଭାପୁର ବ୍ଲକ ପଥରଚକଡା ଗ୍ରାମର ବଳଭଦ୍ର ବେହେରା ସବୁଦିନ ପରି ରବିବାର ଦିନ ମହାନଦୀ କୂଳକୁ ଗାଈ ଚରେଇବା ପାଇଁ ଯାଇଥିଲେ। ମଧ୍ୟାହ୍ନ ସମୟରେ ସେ ମହାନଦୀ କୁ ସ୍ନାନ ଶୌଚ ଆଦି କାର୍ଯ୍ୟ କରିବା ପାଇଁ ଯାଇଥିବାବେଳେ ଗୋଡ଼ ଖସି ଯିବାରୁ ମହାନଦୀ ପାଣିରେ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଜନସାଧାରଣ ବହୁ ଖୋଜାଖୋଜି କରିବା ପରେ ବୃଦ୍ଧ ନ ମିଳିବାରୁ ଖଣ୍ଡପଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ରାତ୍ରୀ ୭.୩୦ ପର୍ଯ୍ୟନ୍ତ ବହୁ ଖୋଜିବା ପରେ ବୃଦ୍ଧଙ୍କ ପତ୍ତା ମିଳି ନ ଥିଲା। ସେ ମୃତ କି ଜୀବିତ ଅଛନ୍ତି ଏହାକୁ ନେଇ ପରିବାର ବହୁ ଆଶା ଓ ଆଶଙ୍କାରେ ରହିଛନ୍ତି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛନ୍ତି।

## ଚମ୍ପୁଆରେ ନିଶାମୁକ୍ତ ଯୁବ-ବିକଶିତ ଭାରତ ଅଭିଯାନ

ଚମ୍ପୁଆ,୨୧।୯ (ନିପ୍ର); ଚମ୍ପୁଆସ୍ଥିତ ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମୀ ତରଫରୁ ନିଶାମୁକ୍ତ ଅଭିଯାନର ଶୁଭାରମ୍ଭ ହେଇଯାଇଛି। ଯୁବ ପିଢ଼ି ନିଶାର କୁପ୍ରଭାବରୁ ଦୂରେଇରହି ଏକ ସୁସ୍ଥ ଏବଂ ନିଶାମୁକ୍ତ ସମାଜ ଗଠନ ଉଦେଶ୍ୟରେ ଯୁବ ପିଢ଼ିଙ୍କ ଦାଇତ୍ୱ ତଥା କର୍ତବ୍ୟ ବୋଲି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଚମ୍ପୁଆ ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମୀ ତରଫରୁ ଏକ ପୋଷ୍ଟର ପ୍ରଦର୍ଶନୀ ସହିତ ଏକ ସଚେତନଧର୍ମୀ ନାଟକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଅଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଚେୟାରମେନ ରମେଶ କୁମାର ବେହେରା, ଭାଇସ ପ୍ରିନସିପାଲ ସୁଶାନ୍ତ କୁମାର ଆଚାର୍ଯ୍ୟ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ ଛାତ୍ର ଛାତ୍ରୀ ସକ୍ରିୟ ଭାବେ ଯୋଗଦେଇ ଅଭିଯାନକୁ ସଫଳ କରାଇଥିଲେ। ବିଦ୍ୟାଳୟର ଏହି ପ୍ରୟାସ ଯୁବପିଢ଼ି ମଧ୍ୟରେ ସଚେତନତା, ସାମାଜିକ ଦାୟିତ୍ୱବୋଧ ଓ ସକାରାତ୍ମକ ଚିନ୍ତାଧାରା ବିକଶିତ କରିବା ସହିତ ନିଶାମୁକ୍ତ ଯୁବପିଢ଼ି ଏବଂ ବିକଶିତ ଭାରତ ନିର୍ମାଣ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ତଥା ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର ଚେୟାରମେନ ରମେଶ ଚନ୍ଦ୍ର ବେହେରା ପ୍ରକାଶ କରିଥିଲେ। ବିଦ୍ୟାଳୟର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପାରିକୁଦ ଗଡ଼ରେ ଖୁଦୁରୁକୁଣୀ ଓଷା ଶେଷ

କୃଷ୍ଣପ୍ରସାଦ,୨୧।୯ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ରେ ଖୁଦୁରୁକୁଣୀ ଓଷା ରବିବାର ଆଡ଼ମ୍ବର ସହକାରେ ଉଦ୍ଯାପିତ ହୋଇଯାଇଛି । ଏହାକୁ ନେଇ ପାରିକୁଦ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା । ସନ୍ଧ୍ୟାରେ କୁମାରୀ ଝିଅ ଓ ବୋହୂମାନେ ମା ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ । ଦଳବେହେରା ସାହିଠାରେ ପୂଜାମଣ୍ଡପକୁ ରଙ୍ଗବେରଙ୍ଗର ଶାଢ଼ି ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଗ୍ରାମର ପୁଅ ଝିଅମାନେ ସାଧବ ପୁଅ ବୋହୂ ଭୂମିକାରେ ଅଭିନୟ କରି ପରିକ୍ରମା କରିବା ସହ ବୋଇତ ବନ୍ଦାପନା ଉତ୍ସବ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବର୍ଷା, ଖୁସି, ରୁପାଲୀ, ସୁଚିତ୍ରା, ଅର୍ଚ୍ଚିତା, ପୂଜା, ଲିଜା, ଶର୍ମିଷ୍ଠା, ସୁହାନି, କଣ୍ଢେଇ, ଲକ୍ଷ୍ମୀପ୍ରିୟା, ଲିପା ପ୍ରମୁଖ ଉତ୍ସବ ପାଳନରେ ସହଯୋଗ କରିଥିଲେ ।

## ଓଷ୍ଟା କେନ୍ଦ୍ରାପଡ଼ା ଜିଲ୍ଲାର ନବନିର୍ମିତ ଗୃହ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୧।୯ (ନିପ୍ର): କନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ପକ୍ଷରୁ ନବନିର୍ମିତ ଶିକ୍ଷକ ଭବନର ଶୁଭଉଦ୍‌ଘାଟନ ଓ ସମ୍ବର୍ଦ୍ଧନା ସମାରୋହ ଦୁହୁରିଆସ୍ଥିତ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓଷ୍ଟାର ନୂତନ ଗୃହକୁ ଶୁଭଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କୁମାର ବାରିକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ବ୍ୟାଜ୍ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଜୟଶ୍ରୀ ପତି ଓ ତାଙ୍କ ଗ୍ରୁପ୍ ପକ୍ଷରୁ ପରିବେଷିତ ସ୍ୱାଗତ ସଙ୍ଗୀତ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ଅତିଥି ପରିଚୟ ପରେ ଓଷ୍ଟା କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ଭଗବାନ ସାହୁ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାରୋହରେ ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନାଙ୍କ ସମେତ ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର ଏବଂ ଓଷ୍ଟାର ପ୍ରାକ୍ତନ ସମ୍ପାଦକମାନେ ଯୋଗଦେଇ ଶିକ୍ଷକ ସଂଘର କାର୍ଯ୍ୟକଳାପ ଓ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ଯୋଗଦେଇଥିଲେ। ଏଥିସହ ନବନିର୍ମିତ ଶିକ୍ଷକ ଭବନର ଉପଯୋଗିତା ଏବଂ ଶିକ୍ଷକ ସମାଜର ଭୂମିକା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜଣେ ପ୍ରଧାନଶିକ୍ଷକ ଓ ଜଣେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିମାନେ ମଧ ନିଜ ଅନୁଭବ ପ୍ରକାଶ କରିଥିଲେ। ଶେଷରେ ସଭାପତିଙ୍କ ସମ୍ଭାଷଣ ପରେ ସଭାସାଙ୍ଗ ସରୋଜିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଦ୍ୟେଶ୍ୱରରେ ମାଫିଆଙ୍କୁ ଝଟକା: ୭୫ କେଜି ଗଞ୍ଜେଇ ଜବତ, ୩ ଗିରଫ

ବାଙ୍କୀ ,୨୧।୯ (ନିପ୍ର); ବୈଦ୍ୟେଶ୍ୱର ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣକାରୀଙ୍କ ଉପରେ ପୁଲିସର ବଡ଼ ପ୍ରହାର। ପୋଲିସ ଜାଲରେ ଧରାପଡ଼ିଲେ ତିନି ଅଭିଯୁକ୍ତ। ଜବତ ହେଲା ୭୫ କେଜି ଗଞ୍ଜେଇ ସହ ଧଳା ବୋଲେରୋ। ତିନି ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ଆଉ ଜଣେ ଫେରାର ରହିଛି। କନ୍ଧମାଳରୁ ଗଞ୍ଜେଇ ଆସୁଥିଲା କଟକ ଜିଲ୍ଲାକୁ ବୈଦ୍ୟେଶ୍ୱର-ଗୋପୀନାଥପୁର ଟି-ସେତୁ ଦେଇ ଆଠଗଡ଼ ଅଞ୍ଚଳକୁ ହେଉଥିଲା କି ଚାଲାଣ ଏହି ଚୋରା କାରବାର ପଛରେ ଆଉ କେଉଁମାନଙ୍କର ରହିଛି ସମ୍ପୃକ୍ତି ଏବେ ଏଭଳି ଅନେକ ପ୍ରଶ୍ନକୁ ନେଇ ଚର୍ଚ୍ଚା। ସୂଚନା ଅନୁଯାୟୀ, ବୈଦ୍ୟେଶ୍ୱର ପଶୁ ଡାକ୍ତରଖାନା ସମ୍ମୁଖରୁ ଏହି ଗଞ୍ଜେଇ ଜବତ କରାଯାଇଛି। ଦ୍ରୁତଗତିରେ ଆସୁଥିବା ବୋଲେରୋଟି ବାଟରେ ତିନୋଟି ଛୋଟ ଦୁର୍ଘଟଣା ଘଟାଇ ଆଗକୁ ବଢୁଥିବା ବେଳେ କିଛି ଯୁବକ ଗାଡ଼ିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀଙ୍କ ନିର୍ଦ୍ଦେଶରେ ପୁଲିସ ପହଞ୍ଚି ଗାଡ଼ି ସହ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା




ଅଞ୍ଚଳର ଗୁଡ଼ାଗାବାଲି ଗାଁର ରଞ୍ଜନ ଡିଗଲ, ଡିଗୀପାଡ଼ି ଗାଁର କାଶୀନାଥ ମଲ୍ଲିକ ଓ ତ୍ରେଜାକିଆ ଗାଁର ଚନ୍ଦ୍ରକାନ୍ତ ବାଗର୍ତ୍ତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଘଟଣାରେ ଆଉ ଜଣେ ଫେରାର ଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଓଡି-୦୮-ସି-୯୪୮୮ ନମ୍ବର ବିଶିଷ୍ଟ ଧଳା ବୋଲେରୋ, ଦୁଇଟି ମୋବାଇଲ ଫୋନ୍ ଓ ନଗଦ ୧୪୦୦ ଟଙ୍କା ଜବତ କରିଛି। ଏନେଇ ବୈଦ୍ୟେଶ୍ୱର ଥାନାରେ କେସ୍ ନମ୍ବର ୨୪୧ ରୁଜୁ ହୋଇଛି।

ଅନ୍ୟପଟେ, ପୁଲିସ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ପ୍ରାୟ ୧୦ଟି ପ୍ୟାକେଟ୍‌ରେ ଥିବା ୨୦ କେଜି ଗଞ୍ଜେଇ ନେଇଯାଇଥିବା ନେଇ ମଧ ଚର୍ଚ୍ଚା ହେଉଛି। ତେବେ ଏହି ଦାବିର ସତ୍ୟତା ନେଇ ଆଧିକାରିକ ସ୍ପଷ୍ଟୀକରଣ ଆସିବା ବାକି ରହିଛି। ଏତେ ପରିମାଣର ଗଞ୍ଜେଇ କେଉଁଠାରୁ ଆସିଥିଲା। ଏହା ପଛରେ କୌଣସି ବଡ଼ ଚାଲାଣ ନେଟୱାର୍କ କାମ କରୁଛି କି ? ଫେରାର ଅଭିଯୁକ୍ତକୁ ଧରିବା ସହ ଏହି କାରବାରର ଅନ୍ୟ ଲିଙ୍କ୍ ଖୋଜିବା ପୁଲିସ ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ। ଅନ୍ୟପଟେ, ଏହି ଚଢ଼ାଉ ଓ ଜବତ ଘଟଣାରେ ବୈଦ୍ୟେଶ୍ୱର ଥାନା ଅଧିକାରିଣୀଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ବିଶ୍ୱ ଫାର୍ମାସୀ ସପ୍ତାହ

ଚମ୍ପୁଆ,୨୧।୯ (ନିପ୍ର) : ଚମ୍ପୁଆସ୍ଥିତ କେରଳ ୱେଲଫେୟାର ଆଣ୍ଡ ଏଜୁକେସନାଲ ଡେଭେଲପମେଣ୍ଟ ଟ୍ରଷ୍ଟ ଅଧୀନସ୍ଥ କୈରାଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଠାରେ ବିଶ୍ୱ ଫାର୍ମାସୀ ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ଏମପାୱାରିଂ ଫାର୍ମାସିଷ୍ଟସ୍ ଫର ହେଲଦିୟର ଫ୍ୟୁଚର୍ସ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଫାର୍ମାସୀର ଗୁରୁତ୍ୱ, ଫାର୍ମାସିଷ୍ଟଙ୍କ ଭୂମିକା, ଔଷଧର ସଠିକ୍ ଓ ନିରାପଦ ବ୍ୟବହାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାକୁ କୈରାଳୀ ଫାର୍ମାସୀ ଇନଷ୍ଟିଚ୍ୟୁଟ୍‌ର ଅଧକ୍ଷ ପ୍ରଫେସର (ଡା.) ସତ୍ୟବ୍ରତ ଜେନା, ଉପାଧକ୍ଷା ସବିତା ସାହୁ ଏବଂ ସହକାରୀ ପ୍ରଫେସର ଗୁରୁପ୍ରସାଦ ଦାସ, ସୁଶ୍ରୀ ସଙ୍ଗୀତା ସାହୁ, ପ୍ରଜ୍ଞା ପରମିତା ବାରିକ,ସ୍ୱାଗତିକା ଦାସ ଓ ରଶ୍ମି ରଞ୍ଜିତା ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

# ନାଲକୋରେ ଚାକିରି କରାଇଦେବା କହି ଠକେଇ

ଜୟପୁର/ଦାମନଯୋଡ଼ି,୨୧।୯ (ନିପ୍ର): ଦାମନଯୋଡି ସ୍ଥିତ ନବରନ୍ ଉଦ୍ୟୋଗ ନାଲକୋରେ ଚାକିରି ଦେବା ନାଁରେ ଜଣେ ମହିଳାଙ୍କଠାରୁ ୭ ଲକ୍ଷ ୫୦ ହଜାର ଟଙ୍କା ଠକିନେବା ଘଟଣା ଓ ଏଥିରେ ନାଲକୋ କର୍ମଚାରୀଙ୍କ ସମ୍ପୃକ୍ତି କୁ ନେଇ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଠକେଇ ଅଭିଯୋଗରେ ଜୟପୁର ଟାଉନ୍ ଥାନା ପୁଲିସ ଜନୈକ ନାଲକୋ କର୍ମଚାରୀଙ୍କୁ ଉଠାଇ ଆଣି ପଚରାଉଚୁରା କରିଛି । ସୂଚନା ଅନୁସାରେ ଜୟପୁର ଡେଲି ମାର୍କେଟ୍ ଦ୍ୱିତୀୟ ଲାଇନ୍‌ର ବାସିନ୍ଦା କେ. ରାଜେଶ୍ୱରୀଙ୍କ ପୁଅକୁ ନାଲକୋରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦିଆଯାଇଥିଲା । ଉକ୍ତ ମହିଳାଙ୍କ ଅଭିଯୋଗ ଅନୁସାରେ ନାଲକୋ କର୍ମଚାରୀ ଚାକିରି ପାଇଁ ୪ ଲକ୍ଷ ଟଙ୍କା ଏବଂ ଆଇ-କାର୍ଡ ତଥା ରେଜିଷ୍ଟ୍ରେସନ୍ ବାବଦକୁ ୩ ଲକ୍ଷ ୫୦ ହଜାର ଟଙ୍କା ଏପରି ମୋଟ ୭ ଲକ୍ଷ ୫୦ ହଜାର ଟଙ୍କା ହାତେଇ ନେଇଥିବା ରାଜେଶ୍ୱରୀ ଥାନାରେ ଅଭିଯୋଗ କରିଥିଲେ । କେବଳ ସେତିକି ନୁହେଁ, ବିଶ୍ୱାସ ଜନ୍ମାଇବା ପାଇଁ ସେ ନାଲକୋର ସ୍ୱୀକୃତିପ୍ରାପ୍ତ ଏକ ନକଲି ନିଯୁକ୍ତିପତ୍ର ମଧ ମହିଳାଙ୍କୁ ଧରାଇ ଦେଇଥିଲେ । ଠକାମିର ଶିକାର ହୋଇଥିବା ଜାଣିବା ପରେ କେ. ରାଜେଶ୍ୱରୀ ଗତ ସେପ୍ଟେମ୍ବର ୨ ତାରିଖରେ ଜୟପୁର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ କୁ ଟାଉନ୍ ଥାନା କେଶ ନଂ - ୩୩୪/୨୬ ପଞ୍ଜୀକରଣ କରାଯାଇଥିଲା ଉକ୍ତ ଅଭିଯୋଗକୁ ଆଧାର କରି ଟାଉନ ପୁଲିସ ପକ୍ଷରୁ ଉକ୍ତ କର୍ମଚାରୀଙ୍କୁ ପଚରାଉଚୁରା କରାଯିବା ସହ ଉକ୍ତ ମହିଳାଙ୍କ ସମ୍ପୂର୍ଣ୍ଣ ଟଙ୍କା ଫେରାଇ ଦେବାକୁ କୁହାଯାଇଛି । ନାଲକୋ କର୍ମଚାରୀ ଜଣକ ଜଣେ ପୁରୁଣା କର୍ମଚାରୀ ହୋଇଥିବା ବେଳେ ଏକ ସ୍ୱୀକୃତିପ୍ରାପ୍ତ କର୍ମଚାରୀ ସଂଗଠନର ଉଚ୍ଚ ପଦରେ ରହିଛନ୍ତି । ପ୍ରକାଶ ଥାଉକି, ଏହା ପୂର୍ବରୁ ଅନେକ ଏଭଳି ଠକେଇ ହୋଇଥିବା ନଜିର ରହିଛି । ତେବେ ଏହି ଠକେଇରେ ଅନ୍ୟ କେହି ସାମିଲ ଅଛନ୍ତି କି ନାହିଁ ତାହାର ଉଚ୍ଚ ସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଏଭଳି କୃର ଲୋକଙ୍କ ପ୍ରଲୋଭନରେ ବଶବର୍ତ୍ତୀ ହୋଇ ନିଜର ଅର୍ଥକୁ ଅନୈତିକ ଭାବରେ ଲୋକଙ୍କୁ ନଦେବା ପାଇଁ ପୁଲିସ୍ ପକ୍ଷରୁ କୁହାଯାଇଛି ।

## ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଯାପିତ

ନିରାକାରପୁର,୨୧।୯ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାଲିଗାଡ଼ିଆସ୍ଥିତ ଓମ୍ ଶ୍ରୀ ଗ୍ରୁପ୍ ଦ୍ୱାରା ସ୍ଥାନୀୟ ବାସନ୍ତୀ ପଡ଼ିଆଠାରେ ଆୟୋଜିତ 'ଜଂକିଆ ପଲ୍ଲୀ ଉତ୍ସବ-୨୦୨୬' ର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତିତ୍ୱ କରିଥିବା ବେଳେ ବିଶ୍ୱ ଭୂଷଣ ଛୋଟରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମଞ୍ଚ ପରିଚାଳନା କମଲେଶ ମହାପାତ୍ର ଏବଂ ଅଶ୍ୱିନୀ ମହାନ୍ତି କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ସୁରେଶ କୁମାର ରାଉତରାୟ ପୂର୍ବତନ ବିଧାୟକ ,ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ପୂର୍ବତନ ବିଧାୟକ, ରାମଚନ୍ଦ୍ର ମହାପାତ୍ର ,ସଞ୍ଜୟ କୁମାର ପଟ୍ଟନାୟକ ଓ ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗ ଦେଇ ପଲ୍ଲୀ ଉତ୍ସବକୁ ପ୍ରଶଂସା କରିଥିଲେ। ଉତ୍ସବର ଶେଷ ସନ୍ଧ୍ୟାରେ ପୁରୁଲିଆ ଛଉ ନୃତ୍ୟ ,ନୀଳଶୈଳ ,ଦ୍ୱାରିକା ଡ୍ୟାନ୍ସ ଏକାଡେମୀ ,ବାବା ବାଲୁଙ୍କେଶ୍ୱର ଡ୍ୟାନ୍ସ ଏକାଡେମୀ ଓ ନୃତ୍ୟ ନମାମୀ ଡ୍ୟାନ୍ସ ଏକାଡେମୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ କଂଗ୍ରେସ ନେତା

ହିଞ୍ଜିଳିକାଟୁ,୨୧।୯ (ନିପ୍ର): ମୂର୍ତ୍ତି ଆଣିବାକୁ ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ହିଞ୍ଜିଳିକାଟୁ ପୌରାଞ୍ଚଳ ହିଞ୍ଜିଳି କନକଦୁର୍ଗା ମାର୍ଗ ଅଞ୍ଚଳର ବିଟେକ୍ ଛାତ୍ର ବାଦଲ ମୁନିଙ୍କ ମୃତ୍ୟୁ ଘଟିଥିଲା। ରବିବାର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶିବରାମ ପ୍ରଧାନ ଓ କିଛି କର୍ମୀ ମୃତ ବାଦଲଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଶିବରାମଙ୍କ ସହ ହିଞ୍ଜିଳିକାଟୁ କଂଗ୍ରେସ ଯୁବନେତା ପ୍ରଦୀପ କୁମାର ମହାରଣା, କାଉନସିଲର ଜଗନ୍ନାଥ ଗୌଡ, ଆକାଶ ସେଠି, ପଦ୍ମ ସେଠି, ଜଗନ୍ନାଥ ରାଉତ, ସନ୍ତୋଷ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଗତ ରବିବାର ସନ୍ଧ୍ୟାରେ ବାଦଲଙ୍କ ସହ କିଛି ସାଥି ଏକ ଅଟୋ ଯୋଗେ ମୂର୍ତ୍ତି ଆଣିବା ପାଇଁ ପୁରୁଷୋତ୍ତମପୁର ଥାନା ହାଣ୍ଡିଘର ଅଞ୍ଚଳକୁ ଯାଉଥିବା ବେଳେ ବୁରୁଡୁଲୁ ଛକ ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ବାଦଲଙ୍କ ମୃତ୍ୟୁ ଘଟିଥିବା ବେଳେ ସାଥି ମାନେ ଆହତ ହୋଇଥିଲେ।

# 'ନିର୍‌ତାରେ' ସ୍ୱାଭାବିକ ହେଲା ଚିକିତ୍ସା ସେବା
# କାର୍ଯ୍ୟାନୁଷ୍ଠାନ ଭୟ: କାର୍ଯ୍ୟରେ ଯୋଗଦେଲେ ଡାକ୍ତର

ନିଆଳି,୨୧।୯ (ନିପ୍ର): ଦୁଇ ଦଫା ଦାବି ପୂରଣ ପାଇଁ ଓଲଟପୁର ସ୍ଥିତ 'ନିର୍‌ତାର'ର ସ୍ଥାୟୀ ଡାକ୍ତର ନାନା ଆଳ ଦେଖାଇ ଛୁଟିରେ ଗତ ମଙ୍ଗଳବାର ଠାରୁ ରହିଥିଲେ। ଫଳରେ ଦିବ୍ୟାଙ୍ଗ ଓ ହାଡଭଙ୍ଗା, ଆଣ୍ଠୁଗଣ୍ଠି ସମସ୍ୟା ଥିବା ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଉଦ୍ଦିଷ୍ଟ ଏସିଆ ମହଦେଶର ବୃହତ୍ତମ ଅନୁଷ୍ଠାନ ପାଇଁ ଉପହାସ ସଦୃଶ ଥିଲା।ହେଲେ ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଏଭଳି ସ୍ଥିତି ନେଇ ଅବଗତ କରିବା ପରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଦୁଇଜଣ ଡାକ୍ତର ଓ ପିଜି ଛାତ୍ରଛାତ୍ରୀଙ୍କ ଦ୍ୱାରା କୌଣସି ପ୍ରକାରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଇଥିଲା। ଅନ୍ୟ ପକ୍ଷରେ 'ନିର୍‌ତାର' ଭଳି ଏକ ସୁନାମଧନ୍ୟ ତଥା ଦିବ୍ୟାଙ୍ଗଙ୍କ ପାଇଁ ଆଶାର ଆଲୋକ ସାଜିଥିବା ଏହି ଚିକିତ୍ସାଳୟରେ ଡାକ୍ତରଙ୍କ ସମୂହ ଛୁଟି ଘଟଣା ଏହାକୁ ଅଚଳ କରିବା ଲକ୍ଷ୍ୟରେ କରାଯାଇଥିବା ସ୍ପଷ୍ଟ ହେବା ପରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ବେଆଇନ୍ ଛୁଟି ନେଇ ଡାକ୍ତରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶକଙ୍କୁ ସବୁଜସଙ୍କେତ ଦେଇଥିଲେ। ଯାହାକି ନିର୍ଦ୍ଦେଶକ ଡାକ୍ତର ମହାନ୍ତି ଛୁଟିରେ ଥିବା ଡାକ୍ତରମାନଙ୍କୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ପାଇଁ ଚରମ ପତ୍ର ଦେଇଥିଲେ। ଏହା ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ଛୁଟିରେ ଥିବା ୯ଜଣ ଡାକ୍ତରଙ୍କ ମଧ୍ୟରୁ ୮ ଜଣ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି। ଏନେଇ 'ନିର୍‌ତାର'ର ସ୍ୱାସ୍ଥ୍ୟସେବା ପୂର୍ଣ୍ଣମାତ୍ରାରେ ସ୍ୱାଭାବିକ୍ ହୋଇଛି ସତ। ହେଲେ ୪ ଦିନ କାଳ ଅନୁଷ୍ଠାନର ଡାକ୍ତରମାନଙ୍କ ସମୂହ ଛୁଟି ସମୟରେ ସ୍ଥିତିକୁ ସ୍ୱାଭାବିକ କରିବାକୁ ସହଯୋଗର ହାତବଢାଇ ନିଷ୍ଠାର ନମୁନା ଦେଖାଇଥିବା ସରକାରଙ୍କ ପ୍ରେରିତ ଡାକ୍ତର ଓ ପିଜି ଛାତ୍ରଛାତ୍ରୀ ତଥା ହିତାଧିକାରୀଙ୍କ ନିଷ୍ଠା ପ୍ରଶଂସନୀୟ ବୋଲି ନିର୍ଦ୍ଦେଶକ ଡଃ ମହାନ୍ତି କହିଛନ୍ତି।

ଅପରପକ୍ଷରେ ମାନବିକ ଦୃଷ୍ଟି କୋଣରୁ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଇଛନ୍ତି ବୋଲି ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଗଣମାଧ୍ୟମରେ ସଫେଇ ଦେଇଛନ୍ତି। ତେବେ ୪ ଦିନ ପୂର୍ବରୁ ସମୂହ ଛୁଟି ନିଷ୍ପତ୍ତି ନେବା ବେଳେ ମାନବିକତା ଥିଲା କେଉଁଠି ବୋଲି ଭାରତୀୟ ଚେତନା ସଂଘ ଭଳି ବହୁ ସାମାଜିକ ସଂଗଠନ ପ୍ରଶ୍ନ କରିଛନ୍ତି।

## ଲୋକଙ୍କ ଚର୍ଚ୍ଚା : ତରଭାରେ ବିରୋଧୀ ଦଳର ଭୂମିକା ଶୂନ

ତରଭା,୨୧।୯ (ନିପ୍ର): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଏବଂ ଏନ୍ଏ ସିରେ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତି ସରଗରମ ଜୋର ଧରିବାରେ ଲାଗିଛି । ବିଜେଡିର ଗଡ଼ ବୋଲାଉଥିବା ତରଭା ଆଜି ସମୟ ବଦଳି ଯାଇଛି । ଯଦିଓ ତରଭା ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡି ଅଧ୍ୟକ୍ଷ ରହିଛି। ହେଲେ ଏମାନଙ୍କ ରାଜନୀତି କାର୍ଯ୍ୟକଳାପକୁ ଦେଖିଲେ କାହିଁ ବିରୋଧୀ ଭୂମିକାରେ ଥିବା ମନେ ହୁଏ ନାହିଁ। ଏତ ଗଲା ମୁଖ୍ୟ ବିରୋଧୀ ବିଜେଡିର ରାଜନୀତି । ଯଦି କଂଗ୍ରେସ ଦଳ କଥା ଚିନ୍ତା କରାଯାଏ ତରଭା ବ୍ଲକ କିମ୍ବା ଏନଏସିରେ ଦଳ ସେଭଳି ଚଳଚଞ୍ଚଳ




ଥିବା ଜଣାପଡୁ ନାହିଁ। ଦଳ ତରଫରୁ ସେଭଳି କାଁଭା କେତେଟା ଦଳୀୟ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କୌଣସି ସେଭଳି ଆଖିଦୃଶିଆ କାର୍ଯ୍ୟକ୍ରମ ନାହିଁ। ସମସ୍ୟା ରହିତ ତରଭା ଅଞ୍ଚଳରେ ଲୋକଙ୍କ ସ୍ୱାର୍ଥ ସାଧନ କିମ୍ବା ସମସ୍ୟା ସମାଧାନ ନେଇ ବିରୋଧୀ ସମ୍ପୂର୍ଣ୍ଣ ଭାବେ ଲୋକଲୋଚନରୁ ହଜି ଯାଇଛି, ସାଧାରଣରେ ଏପରି ଚର୍ଚ୍ଚା ହେଉଛି। ତରଭା ଅଞ୍ଚଳରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷା କଥା ଯଦି ଦେଖିବା ଅନେକ ପ୍ରାଥମିକ ବିଦ୍ୟାଳୟ ରେ ଗୋଟିଏ ଶିକ୍ଷକରେ କାମ ଚାଲୁଛି। କେଉଁଠି ଶିକ୍ଷକ ଥିଲେ କୋଠରି ନାହିଁ ତ କେଉଁଠି ଶିକ୍ଷକ ଥିଲେ କୋଠରି ନାହିଁ। ଶିଶୁ ବାଟିକା ଏଯାଏଁ ହାତଗଣତି କେତୋଟି କୁ ଛାଡିଦେଲେ ବହୁ ବିଦ୍ୟାଳୟ ରେ ଆରମ୍ଭ ହୋଇନଥିବା ଏବଂ ବାଟିକା ନିମିତ୍ତ ପଦବୀ ପୂରଣ ହୋଇ ନାହିଁ ।ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ସମସ୍ୟା ଚିରଦିନ ଲାଗିରହିଛି। ତରଭା ଡାକ୍ତରଖାନାରେ ସାମନ୍ୟ ରୋଗରେ ମଧ ରୋଗୀ ମାନଙ୍କୁ ବହୁ ସମୟରେ ବଲାଙ୍ଗୀର ଡାକ୍ତରଖାନାକୁ ରେଫର୍ କରାଯାଉଥିବା ଏକ ସାଧାରଣ କଥା ଅଟେ। ସେହିପରି ତରଭାରେ ରୋଜଗାର କହିଲେ କିଛି ନାହିଁ ନା କଳ କାରଖାନା ଅଛି ନା ଅନ୍ୟ କୌଣସି ବ୍ୟବସ୍ଥା ରହିଛି ଯାହାଦ୍ୱାରା ବେରୋଜଗାରି ବଢି ଚାଲିଛି। ଏଭଳି ଅନେକ ସମସ୍ୟା ରହିଛି ଯାହାକି ସମାଧାନ ପାଇଁ ବିରୋଧୀ ଦଳ ଯେଉଁ ଭୂମିକା ନବା କଥା ତାହା ନେଉ ନ ଥିବା ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି। ଏସବୁକୁ ଦେଖିଲେ ଲୋକଙ୍କ ଚର୍ଚ୍ଚା ତରଭାରେ ବିରୋଧୀ ଶୂନ ।

# ଗଜପତିରେ ଏସ୍ଆଇଆର-୨୦୨୬ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ପାରଳାଖେମୁଣ୍ଡି,୨୧।୯ (ନିପ୍ର): ଗଜପତି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ପ୍ରସ୍ତୁତ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୬ ପ୍ରକାଶ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମୁନିନ୍ଦ୍ର ହୋନନାଗା ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ ଅମିତ ବିଶ୍ୱାଳ, ଡେପୁଟି କଲେକ୍ଟର ପାରଳାଖେମୁଣ୍ଡି କ୍ରୀତି ସାଇ ଶୁକ୍ଳା,ଜିଲ୍ଲାର ସମସ୍ତ ରାଜନୈତିକ ଦଳର ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଗଣ ଉପସ୍ଥିତ ଥିଲେ। ଗଜପତି ଜିଲ୍ଲାରେ ୨ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ, ଯଥା ୧୩୬-ମୋହନା(ସଂରକ୍ଷିତ) ଓ ୧୩୭-ପାରଳାଖେମୁଣ୍ଡି ରହିଛି। ଏହି ସଂଶୋଧନ ପାଇଁ ୦୧.୦୭.୨୦୨୬ କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। ସଂଶୋଧନ ପ୍ରକ୍ରିୟା ସମୟରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ ଓ ସତ୍ୟାପନ କରିଥିଲେ। ୦୫.୦୭.୨୦୨୬ରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବା ପରେ ଦାବି ଓ ଆପତ୍ତି ଗ୍ରହଣ କରାଯାଇଥିଲା ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାରେ ସେଗୁଡ଼ିକର ନିଷ୍ପତ୍ତି ନିଆଯାଇଛି ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ୧୩୬- ମୋହନା(ସଂରକ୍ଷିତ) ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟରଙ୍କ ସଂଖ୍ୟା ମୋଟ -୨୩୨୬୬୨ ସେଥିମଧ୍ୟରୁ ପୁରୁଷ ସଂଖ୍ୟା -୧୧୪୩୭୪, ମହିଳା ସଂଖ୍ୟା- ୧୧୮୨୮୪ ଓ ତୃତୀୟ ଲିଙ୍ଗ ୪ ଜଣ ରହିଛନ୍ତି। ୧୩୭-ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା- ୨୦୧୨୯୦ ସେଥି ମଧ୍ୟରୁ ପୁରୁଷ ସଂଖ୍ୟା ୧୦୦୦୦୪, ମହିଳା ସଂଖ୍ୟା ୧୦୧୨୭୩ ଓ ତୃତୀୟ ଲିଙ୍ଗ ୧୩ ଜଣ ରହିଛନ୍ତି। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ମୋଟ - ୪୩୩୯୫୨ ,ସେଥିମଧ୍ୟରୁ ପୁରୁଷ ସଂଖ୍ୟା- ୨୧୪୩୭୮, ମହିଳା ସଂଖ୍ୟା ୨୧୯୫୫୭ ଓ ତୃତୀୟ ଲିଙ୍ଗ ୧୭ ଜଣ ରହିଛନ୍ତି। ଏହି ସଂଶୋଧନ ପ୍ରକ୍ରିୟା ସମୟରେ ଗଜପତି ଜିଲ୍ଲାର ଖସଡ଼ା ଭୋଟର ତାଲିକାରେ ମୋଟ ୪,୩୨,୦୯୮ ଜଣ ଭୋଟର ଥିବାବେଳେ, ଚୂଡ଼ାନ୍ତ ଭୋଟର ତାଲିକାରେ ଏହି ସଂଖ୍ୟା ୪,୩୩,୯୫୨ ଜଣକୁ ବୃଦ୍ଧି ପାଇଛି। ଯାଞ୍ଚ ସମୟରେ ମୃତ୍ୟୁ, ସ୍ଥାନାନ୍ତରଣ, ଅନୁପସ୍ଥିତ/ଠାବ ହୋଇନଥିବା, ପୂର୍ବରୁ ପଞ୍ଜୀକୃତ ହୋଇଥିବା ଓ ଅନ୍ୟାନ୍ୟ କାରଣରୁ ଭୋଟର ତାଲିକାରେ ରଖିବା ଯୋଗ୍ୟ ନଥିବା ନାମଗୁଡ଼ିକୁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ବାଦ ଦିଆଯାଇଛି।

ଏହି କ୍ରମରେ ମୋଟ ୩୧,୫୨୦ଟି ଅସଂଗୃହୀତ ଫର୍ମ ଯାଞ୍ଚ ପରେ ତାଲିକାରୁ ବାଦ ଦିଆଯାଇଛି। ଏଥିମଧ୍ୟରୁ ୧୩୬-ମୋହନା ନିର୍ବାଚନମଣ୍ଡଳୀର ୧୪,୭୧୩ଟି ଏବଂ ୧୩୭-ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ୧୬,୮୦୭ଟି ଫର୍ମ ରହିଛି। ଜିଲ୍ଲାରେ ଯୁବ ଯୁବତୀଙ୍କୁ ପ୍ରଥମ ଥର ପାଇଁ ଭୋଟର ଓ ମହିଳାଙ୍କ ନାମ ପଞ୍ଜୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

# ରାୟଗଡ଼ାରେ କଂଗ୍ରେସର ରଣ ହୁଙ୍କାର , ବିଶାଳ ପରିବର୍ତ୍ତନ ରାଲି

ରାୟଗଡ଼.୨୧।୯ (ନିପ୍ର): ରାୟଗଡାରେ କଂଗ୍ରେସର ରଣ ହୁଙ୍କାର , ବିଶାଳ ପରିବର୍ତ୍ତନ ରାଲି, ଓ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏମଏମଡ଼ିଆର ଆଇନକୁ ବିରୋଧ ଓ ପ୍ରତ୍ୟାହାର କରିବା ପାଇଁ ଅଧିବେଶନରେ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତ୍ତନ କଂଗ୍ରେସ ରାଜ୍ୟ ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ, ପୂର୍ବତ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଇଣ୍ଡିଆ ବ୍ଲକର ସଦସ୍ୟ ଗଣ,ବିଧାୟକ ଲଖମଣ ମୁଣ୍ଡା, ସିଏଲପି ନେତା ରାମଚନ୍ଦ୍ର କାଡାମ, ଲାଲାଜୀ ଦେଶାଇ, ଓଡିଶା ପ୍ରଭାରୀ, କଂଗ୍ରେସ ରାଜ୍ୟ ସମ୍ପାଦକ କୁସୁମ କୁମାର, ସହ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଓ କଂଗ୍ରେସର ପୂର୍ବତନ ସାଂସଦ ଓ ବିଧାୟକମାନଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ସବୁ ନେତାମାନେ ମଞ୍ଚ ଉପରୁ କେନ୍ଦ୍ର ନେତୃତ୍ୱରେ ପରିଚାଳିତ ବିଜେପି ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟ ଓଡିଶାରେ ଶାସନକୁ ଆସି ଦକ୍ଷିଣ ଓଡିଶାର ତଥା ଅବିଭକ୍ତ କୋରାପୁଟ ଜିଲ୍ଲାରେ କେଉ ଆଦିମ ଯୁଗରୁ ବସବାସ କରି ଆସୁଥିବା ଆଦିବାସୀ, ଦଳିତ, ଖଟିଖିଆ, ମଜୁରିଆମାନଙ୍କର ଜଙ୍ଗଲ ଜମି ଜଳ ଉପରେ ଥିବା ଅଧିକାରକୁ ଲୁଟିନେଇ ସେମାନଙ୍କ ଜୀବନ ଜୀବିକା ଲୁଟିନେଇ କାଙ୍ଗାଳ କରିବାକୁ ଚାହୁଁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଆମ ରାଜ୍ୟରେ ଥିବା ଖଣି, ଖାଦାନ, ଖଣିଜ ସମ୍ପଦ, ସବୁ ପୁଞ୍ଜିପତି ଆଦାନୀ, ଆମ୍ବାନୀ, ଟାଟା ବିର୍ଲା ଓ ଦେଶର ବୃହତ ପୁଞ୍ଜିପତି ମାନଙ୍କ ହାତକୁ ଟେକିଦେବାକୁ ବସିଛନ୍ତି ଏହି ବିଜେପି ସରକାର।

ଓଡିଶାରୁ ୨୦ ଜଣ ସାଂସଦ ପାର୍ଲିଆମେଣ୍ଟ କୁ ନିର୍ବାଚିତ ହୋଇ ଛନ୍ତି କିନ୍ତୁ ସମସ୍ତେ ଏହି ଏମଏମଡ଼ି ଆର ଆକ୍ଟ ଯାହାକି ଓଡ଼ିଶାର ଶତ୍ରୁ ତା ବିରୋଧରେ ମୁହଁ ଖୋଲିଲେ ନାହିଁ, ଏମଏମଡ଼ି ଆର ଆକ୍ଟ ଲାଗୁହେଲା ମାନେ ଆଦିବାସୀ ମାନେ ଜୀବିକା ହରାଇବେ, ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିନପାରି ଜୀବିକା ହରାଇବେ, ସବୁ କର୍ପୋରେଟଙ୍କ ହାତକୁ ଚାଲିଯିବ, ବିସ୍ଥାପିତ ହେବେ ଆଦିବାସୀ, ଓଡିଶା ରାଜ୍ୟ ଲକ୍ଷଲକ୍ଷ କୋଟି ଟଙ୍କା ଲୁଟିନେବା ସହିତ ଖଣି, ଖାଦାନ, ଖଣିଜ ସମ୍ପଦ ଉପରେ ଥିବା ଅଧିକାର ଛଡେଇ ନେବାକୁ ଚାହୁଁ ଛନ୍ତି। ଏମାନେ ସବୁ ଦଲାଲ। ନଦୀ ଝରଣାର ପାଣି ସବୁ ଶୋଷି ନେଇ କଳ କାରଖାନାକୁ ଦେଉଛନ୍ତି। ଏପରି ହେଲେ ଓଡିଶା ମରୁଭୂମିରେ ପରିଣତ ହୋଇଯିବ। କେବଳ ଟିକସ ବସେଇ ବସେଇ ଜନତାକୁ ଲୁଟୁଛନ୍ତି, ଯେତେ ୟୁପିଆଇ ଜରିଆରେ ଅର୍ଥ ଦେଣନେଣ କଲେ ଲାଗିବ ପ୍ରବଳ ଟିକସ।

ଏକ ରକମ ଲୁଟ କରି ରାଜ୍ୟ ରାଜ୍ୟବାସୀଙ୍କୁ ଲୁଟିନେଇ ଆର୍ଥିକ ସ୍ୱାଧୀନତା ଛଡେଇ ନେଇ ଗରିବ କରିଦେବାକୁ ମୋଦିଙ୍କ ଏକ ମାତ୍ର ଲକ୍ଷ୍ୟ। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯେକି ପିଲାଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି । ସେ ଇସ୍ତଫା ଦିଅନ୍ତୁ, କାହିଁକି ଇସ୍ତଫା ଦେଉନାହାନ୍ତି, ବୋଲି ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ । ଏହି ସଭାରେ ବିଷମକଟକ ବିଧାୟକ ସତ୍ୟଜିତ ଗମାଙ୍ଗ, ଗୁଣପୁର ବିଧାୟକ ପ୍ରମୁଖ ଉପସ୍ଥିତ ରହି ଏମ ଏମ ଡ଼ି ଆର ଆକ୍ଟକୁ ବିରୋଧ କରିଥିଲେ। ଏହି ଏମ ଏମ ଡ଼ି ଆର ଆକ୍ଟକୁ ବିରୋଧ କରି କେନ୍ଦ୍ର ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷି ସମାଲୋଚନା କରିଥିଲେ। ଏହି ବିଲ୍ କୁ ବିଧାନ ସଭା ଭିତରେ ଓ ବାହାରେ ମଧ ବିରୋଧ କରାଯିବ ବୋଲି ବାରମ୍ବାର କଂଗ୍ରେସ ନେତୃମଣ୍ଡଳୀ ଦୋହରାଇ ଥିଲେ। କଂଗ୍ରେସର ପରିବର୍ତ୍ତନ ରାଲିରେ ସମାଜବାଦୀ ପାର୍ଟି ନେତା ଓ ଅନ୍ୟ ଦଳର ନେତା ଓ କର୍ମୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରବଳ ବିରୋଧ କରିଥିଲେ।

## ଭାରତ-ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ



ନୂଆଦିଲ୍ଲୀ, ୨ ୧।୯ : ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଚୂଡ଼ାନ୍ତ ହୋଇଛି । ଆସନ୍ତା ଅକ୍ଟୋବର ୨୦ରୁ ଏହା କାର୍ଯ୍ୟକାରୀ ହେବ । ଏହା ଫଳରେ ନ୍ୟୁଜିଲ୍ୟାଣ୍ଡ ବଜାରରେ ଭାରତର ୧୦୦% ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ପ୍ରବେଶ ସୁବିଧା ପାଇବ । ଉଭୟ ଦେଶ ଗତ ଏପ୍ରିଲ ୨୭ରେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ନ୍ୟୁଜିଲ୍ୟାଣ୍ଡ ସଂସଦରେ ଚୁକ୍ତିକୁ ଅନୁମୋଦନ ମିଳିବା ପରେ ଉଭୟ ଦେଶ ଏହାକୁ ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଶେଷ କରିଛନ୍ତି । ଏହି ରାଜିନାମାରୁ ଭାରତର ବୟନ ଓ ପୋଷାକ, ଚମଡ଼ା ଓ ଜୋତା, ଇଞ୍ଜିନିୟରିଂ ସାମଗ୍ରୀ, ଔଷଧ, କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଭଳି କ୍ଷେତ୍ର ଲାଭ ପାଇବ । ନ୍ୟୁଜିଲ୍ୟାଣ୍ଡ ପୂର୍ବରୁ କିଛି ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ୧୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରୁଥିଲା । ଏହି ଚୁକ୍ତି ପରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଖର୍ଚ୍ଚ କମିବା ସହ ବଜାର ପ୍ରବେଶ ସହଜ ହେବ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଅନୁସାରେ, ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରହିଛି । ଏହି ରାଜିନାମାସେଥିରେ ସହାୟକ ହେବ । ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ କହିଛନ୍ତି ଯେ ଏହି ରାଜିନାମା ଦୁଇ ଦେଶର ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବ । ରାଜିନାମା ଲାଗୁ ହେବା ସହ ଦୁଇ ଦେଶର ବ୍ୟବସାୟୀ ଓ ରପ୍ତାନିକାରୀଙ୍କ ପାଇଁ ନୂଆ ବଜାର ସୁଯୋଗ ଖୋଲିବ । ରାଜିନାମା ଅନୁସାରେ ନ୍ୟୁଜିଲ୍ୟାଣ୍ଡ ଭାରତରେ ୧୫ ବର୍ଷ ମଧ୍ୟରେ ୨୦ ବିଲିଅନ ଡଲାର ନିବେଶ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛି । ଏହା ବ୍ୟତୀତ ସେବା, ପ୍ରଯୁକ୍ତି, ନବସୃଜନ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ । ଭାରତୀୟ ଛାତ୍ର ଓ ପେସାଦାରଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ । ପ୍ରତିବର୍ଷ ୫,୦୦୦ ଦକ୍ଷ ଭାରତୀୟ କର୍ମଚାରୀଙ୍କ ପାଇଁ ସାମୟିକ ନିଯୁକ୍ତି ପ୍ରବେଶ ଭିସା ବ୍ୟବସ୍ଥା ରହିବ । ଏହାସହ ପ୍ରତିବର୍ଷ ୧,୦୦୦ ଯୁବ ଭାରତୀୟଙ୍କ ପାଇଁ କାର୍ଯ୍ୟ ଛୁଟିଦିନ ସୁବିଧା ରହିବ ।

## ଚୀନରେ କପଡ଼ା କାରଖାନାରେ ଅଗ୍ନିକାଣ୍ଡ: ୮ ମୃତ

ବେଜିଂ, ୨ ୧।୯ : ଚୀନର ଫୋସାନ୍‌ରେ ଏକ କପଡ଼ା କାରଖାନାରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ଅତି କମରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଜଣେ ଆହତ ହୋଇଛନ୍ତି । ଘଟଣାଟି ରବିବାର ଅପରାହ୍ନ ପ୍ରାୟ ୩ଟାରେ ଘଟିଥିଲା । ଫୋସାନ୍ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ଅବସ୍ଥିତ । ଖବର ପାଇ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ଏବଂ ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ କାମ କରୁଥିବା ଲୋକେ ବାହାରକୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସୋମବାର ଦିନ ଚୀନର ସରକାରୀ ଖବର ସଂସ୍ଥା ଜିନହୁଆ ରିପୋର୍ଟ କରିଛି ଯେ, ଉଦ୍ଧାର କାର୍ଯ୍ୟ ଚାଲିଛି । ପୁଲିସ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ ଜାରି ରଖିଛନ୍ତି । ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## କେରଳମ୍‌ରେ ଭୂସ୍ଖଳନ ଓ ବନ୍ୟା ଯୋଗୁ ୬ ମୃତ

କୋଚି, ୨ ୧।୯ : କେରଳମରେ ସୋମବାର ପ୍ରବଳ ବର୍ଷା ଲାଗି ରହିଥିବାବେଳେ ଅନେକ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଛି । ଇଡୁକ୍କି ଓ ମାଲାପ୍ପୁରମ୍ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଛି । ରବିବାର ଇଡୁକ୍କିର ଭଟ୍ଟାଭାଡାର କୋଟ୍ଟାକାମ୍ବୁରରେ ଭୂସ୍ଖଳନ ଓ ବନ୍ୟା ଆସିବା ଯୋଗୁ ଅତି କମରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିଲା । ଆଦିମାଲିର ପାଝାମପାଲ୍ଲିଚଲରେ ଆଉ ଏକ ବଡ଼ଧରଣ ଭୂସ୍ଖଳନ ଘଟିଛି । ଭୂସ୍ଖଳନ ଯୋଗୁ ଗୋଟିଏ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ପ୍ରଭାବିତ ଅଞ୍ଚଳରେ ପଡ଼ିରହିଥିବା ଧ୍ୱଂସାବଶେଷ ହଟେଇବାକୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି । ଦୁର୍ବଳ ସ୍ଥାନରେ ରହୁଥିବା ଲୋକଙ୍କୁ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି । ଗତକାଲି ଭଟ୍ଟାଭଡାର କୋଟ୍ଟାକମ୍ବୁରରେ ଭୂସ୍ଖଳନ ଯୋଗୁ ଦୁଇ ଜଣଙ୍କର ମୃତ୍ୟୁ ଓ ଜଣେ ଆହତ ହୋଇଥିଲେ । ଇଡୁକ୍କି ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଅନୁପ ଜାକୋବ ଏମିତି ପାଗରେ ପର୍ଯ୍ୟଟକଙ୍କୁ ଇଡୁକ୍କି ନ ଆସିବା ପାଇଁ ଅନୁରୋଧ କରିଛନ୍ତି । କେରଳମ୍ ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ଆଜି ମାଲାପ୍ପୁରମ୍ ଜିଲ୍ଲାର ପୁକନୋଟ୍ଟୁମ୍ପଡମ୍ ସ୍ଥିତ ଟିକେ କଲୋନି ପରିଦର୍ଶନ କରିବାକୁ ଯାଉଛନ୍ତି, ଯେଉଁଠାରେ ବର୍ଷା ସମ୍ବନ୍ଧୀୟ ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା । ରବିବାର ସନ୍ଧ୍ୟାରେ ମାଲାପ୍ପୁରମ୍ ଜିଲ୍ଲାରେ କୋଟ୍ଟାପ୍ପୁଝା ନଦୀରେ ବନ୍ୟା ଆସି ଚୋକଡ୍ଡ-ନିଲାମ୍ବୁର ଅଞ୍ଚଳରେ ଅନେକ ଲୋକ ଭାସି ଯାଇଛନ୍ତି । ନିଖୋଜ ଲୋକଙ୍କୁ ଖୋଜିବାକୁ ଏନଡିଆରଏଫ୍ ସହାୟତାରେ ରାଜ୍ୟ ସରକାର ତଲାସି ଅଭିଯାନ ଚଳାଇଛନ୍ତି ।

## ସୋମନାଥ ମନ୍ଦିର ଏବଂ ଅହମଦାବାଦ ବିଜେପି କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇବାକୁ ଧମକ

ଅହମଦାବାଦ, ୨ ୧।୯ : ଗୁଜରାଟରେ ପୁଣି ଥରେ ସାର୍ବଜନୀନ ଏବଂ ଧାର୍ମିକ ସ୍ଥଳୀକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି । ଅହମଦାବାଦରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ମନ୍ଦିରରେ ବୋମା ମାଡ଼ କରିବାକୁ ଧମକ ମିଳିଛି । ଏହି ଧମକ ଏକ ଅଜ୍ଞାତ ଇମେଲ୍ ମାଧ୍ୟମରେ ଦିଆଯାଇଛି । ଯେଉଁଥିରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ପଟେଲ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ବିଷୟରେ ଉଲ୍ଲେଖ କରାଯାଇଛି । ଜଣେ ଅଜଣା ବ୍ୟକ୍ତି ଏକ ଇମେଲ୍ ପଠାଇଥିଲେ ଯେଉଁଥିରେ ଦାବି କରାଯାଇଥିଲା ଯେ ଗୁଜରାଟର ସୋମନାଥ ମନ୍ଦିର ଏବଂ ଅନ୍ୟାନ୍ୟ ସ୍ଥାନରେ ବୋମା ରଖାଯାଇଛି । ଇମେଲରେ ଦେଶ ବିରୋଧୀ ଏବଂ ବିବାଦୀୟ ବିଷୟବସ୍ତୁ ଥିଲା ଏବଂ ଅଭିଯୁକ୍ତ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ପୋଷ୍ଟ କରି ଭୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ବୋମା ଧମକ ଇମେଲ୍ ପାଇବା ପରେ ଅହମଦାବାଦ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ତୁରନ୍ତ ସତର୍କ କରାଯାଇଥିଲା । ପୁଲିସ, ଅଗ୍ନିଶମ ବାହିନୀ ଏବଂ କୁକୁର ସ୍କ୍ୱାଡର ଏକ ଦଳ ସହରର ଖାନପୁର ଅଞ୍ଚଳରେ ଥିବା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲା ।

### ରାମ ମନ୍ଦିର ଚାନ୍ଦା ଚୋରି ମାମଲା

# ସିସିଟିଭିରେ କଏଦ ୧୦୫ ଚୋରି ଘଟଣା, ସୁପ୍ରିମକୋର୍ଟରେ ହେଲା ଦାଖଲ

ନୂଆଦିଲ୍ଲୀ, ୨୧।୯ : ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ବଡ଼ ଖୁଲାସା ହୋଇଛି । ସୋମବାର ସଲିସିଟର ଜେନେରାଲ୍ ତୁଷାର ମେହତା ସୁପ୍ରିମକୋର୍ଟଙ୍କୁ ମାମଲାର ତଦନ୍ତ ଅଗ୍ରଗତି ସମ୍ପର୍କରେ ଅବଗତ କରିଛନ୍ତି । ସେ ମନ୍ଦିର ଭିତରେ ଦାନ ଟଙ୍କା ଚୋରି ଘଟଣାର ତଦନ୍ତ କରୁଥିବା ବିଶେଷ ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ଷ୍ଟାଟସ୍ ରିପୋର୍ଟର ଉଲ୍ଲେଖ କରି କହିଛନ୍ତି ଯେ, ମନ୍ଦିର ଭିତରେ ଚାନ୍ଦା ଚୋରିର ୧୦୫ଟି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ସଲିସିଟର ଜେନେରାଲ୍ କହିଛନ୍ତି ଯେ, ଏସଆଇଟିର ତଦନ୍ତ ଖୁବଶୀଘ୍ର ଶେଷ ହେବ । ଆସନ୍ତା ସେପ୍ଟେମ୍ବର ୨୫ ସୁଦ୍ଧା ମାମଲାରେ ଚାର୍ଜସିଟ୍ ଦାଖଲ କରାଯିବ । ସୁପ୍ରିମକୋର୍ଟ ମଧ୍ୟ ନିମ୍ନ ଅଦାଲତର ମାଜିଷ୍ଟ୍ରେଟଙ୍କୁ ଆଇନ ଅନୁଯାୟୀ ଚାର୍ଜସିଟ୍ ଉପରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚାନ୍ଦା ଚୋରି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏସଆଇଟିର ଷ୍ଟାଟସ୍ ରିପୋର୍ଟର ସମୀକ୍ଷା କରିଛନ୍ତି । ଏପର୍ଯ୍ୟନ୍ତ ହୋଇଥିବା ଗିରଫଦାରୀ ଏବଂ ଚାନ୍ଦା ଚୋରି ସହ ଜଡ଼ିତ ପ୍ରମାଣ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଯାଇଛି । ଏହା ସହିତ ସିସିଟିଭିରେ କଏଦ ହୋଇଥିବା ୧୦୫ଟି ଚୋରି ଘଟଣା ସମ୍ପର୍କିତ ପ୍ରମାଣ ମଧ୍ୟ କୋର୍ଟଙ୍କ ସମ୍ମୁଖରେ ରଖାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ବୟାନ ଏବଂ ଅନ୍ୟାନ୍ୟ ପ୍ରମାଣ ସମ୍ପର୍କରେ ମଧ୍ୟ କୋର୍ଟକୁ ସୂଚନା ଦିଆଯାଇଛି । ଷ୍ଟାଟସ୍ ରିପୋର୍ଟରେ ଏସଆଇଟି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ କିପରି ବିଶ୍ଳେଷଣ କରିଥିଲା, ସେ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି । ସୁପ୍ରିମକୋର୍ଟ ଏହି ସମସ୍ତ ତଥ୍ୟକୁ ରେକର୍ଡରେ ଗ୍ରହଣ କରିଛନ୍ତି । ରିପୋର୍ଟ ଅନୁଯାୟୀ, ମୂଲ୍ୟବାନ ସାମଗ୍ରୀର ରସିଦ ସଫ୍ଟୱେର ମାଧ୍ୟମରେ ପ୍ରସ୍ତୁତ କରାଯାଉଥିଲା ଏବଂ ସେହି ସାମଗ୍ରୀଗୁଡ଼ିକୁ ଷ୍ଟେଟ୍



ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସବିଆଇର ଲକରରେ ରଖାଯାଉଥିଲା । ଶୁଣାଣି ସମୟରେ ଆବେଦନକାରୀମାନେ ଏସଆଇଟିର ରିପୋର୍ଟର ଏକ କପି ଦେବାକୁ ଦାବି କରିଥିଲେ । ତେବେ ସୁପ୍ରିମକୋର୍ଟ ଏହି ଅନୁରୋଧକୁ ଗ୍ରହଣ କରିନଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ଖଣ୍ଡପୀଠ କହିଥିଲେ ଯେ, ମାମଲାକୁ ସେସନ୍ସ ଜଜଙ୍କ ହାତରୁ ବାହାରକୁ ନେବାକୁ ଅଦାଲତ ଚାହୁଁନାହାନ୍ତି । ଯଦି ଆଗକୁ ଅଧିକ ତଦନ୍ତର ଆବଶ୍ୟକତା ଥିବା ଅଦାଲତଙ୍କୁ ଲାଗେ, ତେବେ ଆବଶ୍ୟକ ଆଦେଶ ଦିଆଯିବ ବୋଲି କୁହାଯାଇଛି । ଚଳିତ ବର୍ଷ ମେ-ଜୁନରେ ରାମ ମନ୍ଦିର ଚାନ୍ଦା ଚୋରି ମାମଲା ସାମ୍ନାକୁ ଆସିବା ପରେ ରାମ ମନ୍ଦିର ଟ୍ରଷ୍ଟର ବରିଷ୍ଠ ଅଧିକାରୀ ଚମ୍ପତ ରାୟ ଏବଂ ଅନିଲ ମିଶ୍ରାଙ୍କୁ ସେମାନଙ୍କ ପଦରୁ ହଟାଯାଇଥିଲା । ଏହାପରେ ଟ୍ରଷ୍ଟ ମଧ୍ୟରେ ଏସଇଓଙ୍କ ନେତୃତ୍ୱରେ ଏକ ନୂଆ ପ୍ରଶାସନିକ ଢାଞ୍ଚା ଲାଗୁ କରାଯାଇଥିଲା । ପୂର୍ବତନ ସେନା ଅଧିକାରୀ ଜିତେନ୍ଦ୍ର ମିଶ୍ରାଙ୍କୁ ସିଇଓ ଭାବେ ନିଯୁକ୍ତ କରାଯାଇଥିଲା । ସେ ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବା ସହ ଭବିଷ୍ୟତରେ କାର୍ଯ୍ୟପ୍ରଣାଳୀକୁ ଆହୁରି ସୁଦୃଢ଼ କରାଯିବ ବୋଲି କହିଥିଲେ । ଏହି ମାମଲାରେ ଜୁନ୍ ୨୦୨୬ରେ ଭାରତୀୟ ନ୍ୟାୟ ସଂହିତା ଏବଂ ଦୁର୍ନୀତି ନିବାରଣ ଆଇନ ଅଧୀନରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହି ସମସ୍ତ ୮ ଜଣଙ୍କୁ ଗିରଫ କରାଯାଇ ବର୍ତ୍ତମାନ ନ୍ୟାୟିକ ହେପାଜତରେ ରଖାଯାଇଛି । ତଦନ୍ତକାରୀ ଏଜେନ୍ସି ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ନିକଟରୁ ୭୯.୮୫ ଲକ୍ଷ ଟଙ୍କା ନଗଦ ଜବତ କରିଥିବା ଜଣାପଡ଼ିଛି ।

### ଟିଏମସିର ନାମ-ଚିହ୍ନ ବିବାଦ

## ସୁପ୍ରିମକୋର୍ଟରେ ମମତା, ତୁରନ୍ତ ଶୁଣାଣି ପାଇଁ ଅନୁରୋଧ



ନୂଆଦିଲ୍ଲୀ, ୨ ୧।୯ : ସୁପ୍ରିମକୋର୍ଟରେ ପହଞ୍ଚିଲା ଟିଏମସି ବିବାଦ । ତୃଣମୂଳ କଂଗ୍ରେସର ନାମ ଓ ପାରମ୍ପରିକ ନିର୍ବାଚନ ଚିହ୍ନକୁ ନେଇ ଚାଲିଥିବା ବିବାଦ ହାଇକୋର୍ଟରୁ ଯାଇ ସୁପ୍ରିମକୋର୍ଟରେ ପହଞ୍ଚିଲାଣି । ନିର୍ବାଚନ କମିସନଙ୍କ ଅନ୍ତରୀଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଟିଏମସି ନେତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଦଳର ନାମ ଓ ଚିହ୍ନ ଉପରେ ରୋକ ଲାଗିଥିବାରୁ ଏହି ମାମଲାକୁ ତୁରନ୍ତ ଶୁଣାଣି କରାଯିବା ଦରକାର ବୋଲି ମମତାଙ୍କ ପକ୍ଷରୁ ଯୁକ୍ତି ରଖାଯାଇଛି । ଆଜି ସୁପ୍ରିମକୋର୍ଟରେ ମମତା ବାନାର୍ଜୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ମାମଲାକୁ ପରିଚାଳନା କରୁଛନ୍ତି । ନିର୍ବାଚନ ସମୟ ଚାଲିଥିବା ବେଳେ ଦଳର ପାରମ୍ପରିକ ନିର୍ବାଚନ ଚିହ୍ନକୁ ଫ୍ରିଜ୍ କରାଯାଇଥିବାରୁ ମାମଲାର ଶୀଘ୍ର ଶୁଣାଣି ଆବଶ୍ୟକ ବୋଲି ସିବଲ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଆବେଦନ ପରେ ସୁପ୍ରିମକୋର୍ଟ ମାମଲାଟିକୁ ଶୀଘ୍ର ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ନେଇ ସମ୍ମତି ଜଣାଇଛନ୍ତି । ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି, ମାମଲା ଶୁଣାଣି ପାଇଁ ଆସିବା ପରେ ଉଭୟ ପକ୍ଷଙ୍କୁ ନିଜ ନିଜ ମତ ଓ ଯୁକ୍ତି ରଖିବାର ପୂର୍ଣ୍ଣ ସୁଯୋଗ ମିଳିବ । ଏପଟେ, ନିର୍ବାଚନ କମିସନଙ୍କ ଅନ୍ତରୀଣ ଆଦେଶ ଟିଏମସି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଦଳର ନାମ ଏବଂ ପାରମ୍ପରିକ 'ଫୁଲ ଓ ଘାସ' ଚିହ୍ନର ବ୍ୟବହାର ଉପରେ ରୋକ ଲଗାଯାଇଛି । ଦଳ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ ବୋଲି କମିସନଙ୍କ ଆଦେଶରୁ ଜଣାପଡ଼ିଛି ।

## ୩ ଦିନ ପ୍ରତିବାଦ ପରେ ଛାତ୍ରମାନଙ୍କ ଆଗରେ ମୁଣ୍ଡ ନୁଆଁଇଲା ଆଇଆଇଟି ବମ୍ବେ ପ୍ରଶାସନ




ନୂଆଦିଲ୍ଲୀ, ୨ ୧।୯ : ଆଇଆଇଟି ବମ୍ବେ ହଷ୍ଟେଲରେ ୨୦ ବର୍ଷୀୟ ଛାତ୍ର ସାହିଲ ୱାକୋଡେ ନିଜ ଜୀବନ ନେବା ପରେ ଛାତ୍ରମାନେ ଗତ ତିନି ଦିନ ଧରି ପ୍ରତିବାଦ କରୁଥିଲେ । ଆଇଆଇଟି ବମ୍ବେ ନିର୍ଦ୍ଦେଶକ ପ୍ରଫେସର ଶିରିଶ କେଦାରେ ଏବେ ପ୍ରତିବାଦକାରୀଙ୍କ ସହ ସେମାନଙ୍କର ଦାବି ସମ୍ପର୍କରେ ଏକ ଦୀର୍ଘ ଆଲୋଚନା କରିଛନ୍ତି । ଛାତ୍ରମାନଙ୍କ ଦ୍ୱାରା ରଖାଯାଇଥିବା ୧୮ସୂତ୍ରୀ ଦାବିଗୁଡ଼ିକୁ ନେଇ କ୍ୟାମ୍ପସରେ ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ପ୍ରତିଷ୍ଠାନ ପ୍ରଶାସନ ଛାତ୍ରମାନଙ୍କ ଦ୍ୱାରା ଉପସ୍ଥାପିତ ୧୮-ସୂତ୍ରୀ ଦାବିପତ୍ରରେ ସ୍ୱାକ୍ଷର କରିଛନ୍ତି । ଛାତ୍ରମାନଙ୍କ ଦାବି ଆଧାରରେ ଅଧ୍ୟାପକ ସୂର୍ଯ୍ୟନାରାୟଣ ଦୁଲ୍ଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି । ଆଗାମୀ ଓପନ୍ ହାଉସରେ ଚୁକ୍ତିନାମାର ବିସ୍ତୃତ କାର୍ଯ୍ୟାନ୍ୱୟନ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ଅଧିକାରିକ ଘୋଷଣା ଆଶା କରାଯାଉଛି । ଛାତ୍ରମାନେ ଦାବି କରିଛନ୍ତି ଯେ ସାହିଲ ବିଷୟରେ ଲିଙ୍କଡଇନ୍ ପୋଷ୍ଟରେ ପ୍ରଦାନ କରାଯାଇଥିବା ଆଂଶିକ ଏବଂ ଅସ୍ପଷ୍ଟ ସୂଚନା ପାଇଁ ପ୍ରତିଷ୍ଠାନ ସାର୍ବଜନୀନ ଭାବରେ କ୍ଷମା ପ୍ରାର୍ଥନା କରନ୍ତୁ । ସେମାନେ ସାହିଲଙ୍କ ମୃତ୍ୟୁର ଏକ ନିରପେକ୍ଷ ତଦନ୍ତ ମଧ୍ୟ ଦାବି କରିଛନ୍ତି । ସେପ୍ଟେମ୍ବର ୩୦ ସୁଦ୍ଧା ମଧ୍ୟବର୍ତ୍ତୀକାଳୀନ ତଦନ୍ତ ରିପୋର୍ଟ ଏବଂ ଅକ୍ଟୋବର ୧୫ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି । ଦାବି ମଧ୍ୟରେ ପ୍ରଫେସରମାନଙ୍କ ପାଇଁ ଏକ ଆଚରଣ ସଂହିତା ସ୍ଥାପନ କରିବା, କ୍ୟାମ୍ପସ ହସ୍ପିଟାଲରେ ଜଣେ ମନସ୍ତତ୍ତ୍ୱବିତ୍ ୨୪ ଘଣ୍ଟା ସେବା ଯୋଗାଇବା, ପରାମର୍ଶ ସେବାରେ ଉନ୍ନତି ଆଣିବା ଏବଂ ପ୍ରତିଷ୍ଠାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଛାତ୍ରଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଅନ୍ତର୍ଭୁକ୍ତ ରହିଛି ।

## ନିଜ ନାଗରିକଙ୍କ ପାଇଁ ଆଡଭାଇଜରୀ ଜାରି କଲା ଆମେରିକା

# ତୁରନ୍ତ ଇରାନ ଛାଡ଼ନ୍ତୁ

ୱାଶିଂଟନ, ୨ ୧।୯ : ଆମେରିକା ନିଜ ନାଗରିକମାନଙ୍କ ପାଇଁ ଏକ ନୂତନ ଆଡଭାଇଜରୀ ଜାରି କରି ଇରାନ ଗସ୍ତ ନ କରିବାକୁ ଅନୁରୋଧ କରିଛି । ଏଥିରେ ଆମେରିକୀୟ ନାଗରିକମାନଙ୍କୁ ଯେକୌଣସି କାରଣରୁ ଇରାନ ଗସ୍ତ ନ କରିବାକୁ କୁହାଯାଇଛି ଏବଂ ବର୍ତ୍ତମାନ ସେଠାରେ ଥିବା ଲୋକଙ୍କୁ ତୁରନ୍ତ ସେଠାରୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି । ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ପରିସ୍ଥିତି ଆହୁରି ଖରାପ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଏକ ସୁରକ୍ଷା ସତର୍କତା ସୂଚନାରେ, ଇରାନସ୍ଥିତ ଆମେରିକାର 'ଭର୍ଚୁଆଲ ଏମ୍ବାସି' ଜଣାଇଛି ଯେ ଏହି ଅଞ୍ଚଳରେ ସୁରକ୍ଷା ସ୍ଥିତି ଜଟିଳ ରହିଛି । ଯାତ୍ରୀମାନଙ୍କୁ ମଧ୍ୟ ସତର୍କ କରାଯାଇଛି ଯେ ସେମାନଙ୍କୁ ବିମାନ ବାତିଲ, ଆକାଶପଥ ବନ୍ଦ



ଏବଂ ଅନ୍ୟାନ୍ୟ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିପାରେ । ପରାମର୍ଶରେ କୁହାଯାଇଛି, 'କୌଣସି କାରଣରୁ ଇରାନ ଯାତ୍ରା କରନ୍ତୁ ନାହିଁ । ବର୍ତ୍ତମାନ ଇରାନରେ ଥିବା ଆମେରିକୀୟ ନାଗରିକମାନେ ତୁରନ୍ତ ସେଠାରୁ ଚାଲିଯିବା ଉଚିତ ।' ଆମେରିକୀୟ ମିଶନ ସେହି ଅଞ୍ଚଳରେ ଥିବା ଆମେରିକୀୟମାନଙ୍କୁ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ଏବଂ ବିମାନବନ୍ଦର, ବିମାନ ସେବା ଓ ସୀମା ପାରାପାର ସମ୍ବନ୍ଧୀୟ ଘଟଣାବଳୀ ଉପରେ ନିବିଡ଼ ନଜର ରଖିବାକୁ ପରାମର୍ଶ ଦେଇଛି । ଏଥିରେ ଚେତାବନୀ ମଧ୍ୟ ଦିଆଯାଇଛି ଯେ ଇରାନର ସ୍ଥଳ ସୀମାରେ ଥିବା ନିୟମାବଳୀ ବିନା କୌଣସି ପୂର୍ବ ସୂଚନାରେ ପରିବର୍ତ୍ତନ ହୋଇପାରେ । ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପ୍ରବେଶ ପାଇଁ ଆବଶ୍ୟକୀୟ ସର୍ତ୍ତାବଳୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକା ଇରାନ-ସମର୍ଥିତ ହୁଥି ବାହିନୀର କାର୍ଯ୍ୟକଳାପ ଉପରେ ମଧ୍ୟ ଆଲୋକପାତ କରିଛି, ଯେଉଁମାନେ ସାଉଦି ଆରବ ଉପରେ ଆକ୍ରମଣ କରିଛନ୍ତି । ସତର୍କ ସୂଚନାରେ ଉଲ୍ଲେଖ କରାଯାଇଛି, 'ଇରାନ-ସମର୍ଥିତ ହୁଥି ଗୋଷ୍ଠୀଗୁଡ଼ିକ ସାଉଦି ଆରବ ବିରୁଦ୍ଧରେ ଆକ୍ରମଣ କରିଛନ୍ତି, ଯେଉଁଥିରେ ସାଧାରଣ ନାଗରିକଙ୍କ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣ ମଧ୍ୟ ଅନ୍ତର୍ଭୁକ୍ତ । ଏହି ସାମରିକ ସଂଘର୍ଷରେ ଦ୍ରୁତ ଗତିରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ରହିଛି ।

## କାନାଡାରେ ଫ୍ଲାଇଟ୍ ଟ୍ରେନିଂ ବେଳେ ବିମାନ ଦୁର୍ଘଟଣା

# ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁ




ନୂଆଦିଲ୍ଲୀ, ୨ ୧/୯ : କାନାଡାରେ ଫ୍ଲାଇଟ୍ ଟ୍ରେନିଂ ସମୟରେ ଘଟିଛି ବିମାନ ଦୁର୍ଘଟଣା । ଏହି ଦୁର୍ଘଟଣାରେ ତାମିଲନାଡୁ ଓ ପୁଡୁଚେରୀର ୨ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ମନୋଜ ଶିବକୁମାର ଓ ଶ୍ରୀସରଣ ଥିରୁଗ୍ନାନାସମ୍ବନ୍ଦମ୍ । ଭାଙ୍କୁଭରସ୍ଥିତ ଭାରତୀୟ ଦୂତାବାସ ଏନେଇ ସୂଚନା ଦେବା ସହ ଦୁଃଖ ପ୍ରକାଶ କରିଛି । ଏହି ଦୁଃଖଦ ସମୟରେ ମୃତ ଛାତ୍ରଙ୍କ ପରିବାର ଓ ନିକଟ ସମ୍ପର୍କୀୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଛି ଭାରତୀୟ ଦୂତାବାସ । ମୃତକଙ୍କ ପାର୍ଥିବ ଶରୀର ଭାରତକୁ ଫେରାଇ ଆଣିବା ପ୍ରକ୍ରିୟାରେ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବା କୁହାଯାଇଛି । ଦୂତାବାସ ଅଧିକାରୀମାନେ ସ୍ଥାନୀୟ ପ୍ରଶାସନ ଓ ମୃତ ଛାତ୍ରଙ୍କ ପରିବାର ସହ ନିୟମିତ ଯୋଗାଯୋଗରେ ଥିବା ଜଣାପଡ଼ିଛି । ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ । ଘଟଣାର କାରଣ ଜାଣିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି ।

## ମଣିପୁରରେ ପୁଣି ହିଂସା: ନାବାଳକଙ୍କୁ ଗୁଳି କରି ହତ୍ୟା

ଇମ୍ଫାଲ, ୨ ୧।୯ : ମଣିପୁରରେ ଗତ କିଛି ଦିନ ହେବ ପୁଣି ହିଂସା ମୁଣ୍ଡ ଟେକିଛି । ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାର ତାମେଇରେ ଜଣେ ୧୫ ବର୍ଷୀୟ ନାବାଳକଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଅଧିକାରୀଙ୍କ ଅନୁଯାୟୀ, ମୃତକ ତାକୋଉ ଗ୍ରାମର ବାସିନ୍ଦା । ସେ କିଛି ଆବଶ୍ୟକ ଖାଦ୍ୟସାମଗ୍ରୀ ସଂଗ୍ରହ ପାଇଁ ତାମେଇ ଗ୍ରାମକୁ ଯାଇଥିବାବେଳେ କିଛି ସଶସ୍ତ୍ର ବ୍ୟକ୍ତି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ । ଗ୍ରାମବାସୀମାନେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ୩୦ରେ ୨୦ ରାଉଣ୍ଡ୍ ଗୁଳି ଫୁଟିବା ଶୁଣିଥିଲେ । ପରେ ଘଟଣାସ୍ଥଳରେ ପହଞ୍ଚିବାବେଳେ ବାଳକଙ୍କୁ ମୃତ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବା ଦେଖିଥିଲେ । ପୁଲିସ ଅନୁଯାୟୀ, ଏଭଳିଆକ୍ରମଣପଛର କାରଣ ଜଣାପଡ଼ି ନାହିଁ । ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କୁ ମଧ୍ୟ ଚିହ୍ନଟ କରାଯାଇନାହିଁ । ଉକ୍ତ ଆକ୍ରମଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି ।

## ସୋନିଆଙ୍କ ବିରୁଦ୍ଧରେ ମାମଲାର ଶୁଣାଣି ହେବ

ନୂଆଦିଲ୍ଲୀ, ୨ ୧।୯ : ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ଭୋଟର ତାଲିକାରେ ଚଞ୍ଚକତା କରାଯାଇଥିବା ଅଭିଯୋଗର ତଦନ୍ତ ଚାଲୁ ରହିବ । ସୋମବାର ଏହି ରାୟ ଦେଇଛନ୍ତି ଦିଲ୍ଲୀ ରୋଜ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ଜଜ୍ ବିଶାଲ ଗଗନେ । ଗତବର୍ଷ ଏ ନେଇ ଥିବା ମାମଲାକୁ ସ୍ଥାନୀୟ ମାଜିଷ୍ଟ୍ରେଟ ଖାରଜ କରିଦେଇଥିଲେ । ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ଦିନ କରିବାକୁ ମାନ୍ୟବର ଜଜ୍ ଶ୍ରୀ ଗଗନେ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେବା ସହ ସବୁ ଅଭିଯୋଗର ମୌଖିକ ଆଦେଶ ଜାରି କରିବାକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ଏଠାରେ ସୂଚନା ଦିଆଯାଇପାରେ ଯେ, ବିକାଶ ତ୍ରିପାଠୀ ନାମକ ଜୈନିକ ବ୍ୟକ୍ତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଭୋଟର ତାଲିକାରେ ନାଁକୁ ନେଇ ମାମଲା ଦାଏର କରିଥିଲେ । ଶ୍ରୀ ତ୍ରିପାଠୀ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ସୋନିଆ ଗାନ୍ଧୀ ୧୯୮୩ ମସିହା ଏପ୍ରିଲ ୩୦ ତାରିଖରେ ଭାରତର ନାଗରିକତ୍ୱ ଗ୍ରହଣ କରିଥିଲେ ।


### ଟାଟା ସନ୍ସ ବନାମ ଟାଟା ଟ୍ରଷ୍ଟ

## ଲମ୍ବା ଲଢ଼େଇ ପାଇଁ ଉଭୟ ପକ୍ଷ ପ୍ରସ୍ତୁତ



ମୁମ୍ବାଇ, ୨ ୧।୯ : ଶତାଧିକ ବର୍ଷ ପୁରୁଣା କର୍ପୋରେଟ ସାମ୍ରାଜ୍ୟ ଟାଟା ପରିଆରକୁ ନେଇ ଦୁଇ ଭାଗ ହୋଇଯାଇଛି । ଗୋଟିଏ ପଟେ ରତନ ଟାଟାଙ୍କ ସାବତ ଭାଇ ନୋଏଲ ଟାଟାଙ୍କ ନେତୃତ୍ୱାଧୀନ ଟାଟାର ଟ୍ରଷ୍ଟଗୁଡ଼ିକ ରହିଛି । ଅପର ପାର୍ଶ୍ୱରେ ରହିଛି ଟାଟା ଗ୍ରୁପର ପରିଚାଳନା କରୁଥିବା ସଂସ୍ଥା ଟାଟା ସନ୍ସ । ଟାଟା ସନ୍ସର ଅଧ୍ୟକ୍ଷ ଭାବେ ଏନ୍ ଚନ୍ଦ୍ରଶେଖରନଙ୍କୁ ଆଉ ୫ ବର୍ଷ ନିଯୁକ୍ତି ଦେବା ପରେ ବିବାଦ ବଡ଼ ରୂପ ନେଇଛି । ସେହି ନିଯୁକ୍ତିକୁ ବିରୋଧ କରି ନୋଏଲ ଦେଶର ଅନ୍ୟତମ ଖ୍ୟାତନାମା ଆଇନଜୀବୀ ଅଭିଷେକ ମନୁ ସିଂଘବୀଙ୍କ ପାଖରେ ପହଞ୍ଚିଛି । ସେହିଭଳି ଟାଟା ସନ୍ସ ମଧ୍ୟ ନିଜ ପକ୍ଷକୁ ଉପସ୍ଥାପନ କରିବା ଲାଗି ଆଇନଜୀବୀଙ୍କ ସହ ଯୋଗାଯୋଗରେ ରହିଛି । ଆଗାମୀ ଦିନରେ ଏକ ଲମ୍ବା ଆଇନଗତ ଲଢ଼େଇ ହେବା ଆଶଙ୍କା କରାଯାଉଛି । କାରଣ ଉଭୟ ପକ୍ଷ ଦେଶର ପ୍ରମୁଖ ଆଇନ ପରାମର୍ଶଦାତା ସଂସ୍ଥାଗୁଡ଼ିକ ସହ ଯୋଗାଯୋଗରେ ରହିଛନ୍ତି । ଟାଟା ସନ୍ସର ଆର୍ଟିକିଲ୍ ଅଫ୍ ଆସୋସିଏସନ୍ (ଏଓଏ)ର ବ୍ୟାଖ୍ୟା ଉପରେ ମାମଲାଟି ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଛି । ଏଥିରେ ଟାଟା ଟ୍ରଷ୍ଟର ମନୋନୀତ ନିର୍ଦ୍ଦେଶକମାନଙ୍କୁ ଏକ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି । ଯଦି ସେହି ଅଧିକାର ସପକ୍ଷରେ କୋର୍ଟଙ୍କ ରାୟ ଯିବ ତେବେ ନୋଏଲଙ୍କ ପକ୍ଷର ବିଜୟ ହେବ । ଟାଟା ଗ୍ରୁପକୁ ଟାଟା ସନ୍ସ ନାମକ ସଂସ୍ଥା ପରିଚାଳନା କରୁଛି ।

## ଆମେରିକା ଯିବେ ଜିନପିଙ୍ଗ



ବେଜିଂ, ୨ ୧।୯ : ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଆମେରିକା ଗସ୍ତକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ସି ଜିନପିଙ୍ଗ ସେପ୍ଟେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଏକ ସରକାରୀ ଗସ୍ତ କରିବେ । ଏହି ସମୟ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଜିନପିଙ୍ଗ ସେପ୍ଟେମ୍ବର ୨୩ ତାରିଖରେ ୱାଶିଂଟନରେ ଅବତରଣ କରିବେ ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଶିଖର ଆଲୋଚନା କରିବେ ।

# ରେଳ ବିଭାଗରେ ଚାକିରି ଦେବା ନାଁରେ ୪୫ ଲକ୍ଷ ଠକେଇ, ଠକ ଗିରଫ

ଭୁବନେଶ୍ୱର(ନି.ପ୍ର): ରେଳ ବିଭାଗରେ ଚାକିରି ଦେବା ନାଁରେ ୪୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ଜିତେନ୍ଦ୍ର କୁମାର ବଗର୍ତ୍ତୀ ଓରଫ ଜିତୁ (୫୦) ଓ ତାଙ୍କ ଘର ବଲାଙ୍ଗୀରର ପୁରୁଣା ରାମ ମନ୍ଦିର ପାଖରେ ବୋଲି ଜଣାପଡ଼ିଛି। ଏନେଇ ସଦାଶିବ ମଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜିତୁ ଅଭିଯୋଗକାରୀଙ୍କ ଭଉଣୀଙ୍କ ଦୋକାନକୁ ଯିବାଆସିବା କରୁଥିଲା। ସେହି ସମୟରେ ଅଭିଯୋଗକାରୀଙ୍କ ସହ ତା'ର ପରିଚୟ ହୋଇଥିଲା। ଅଭିଯୁକ୍ତ ନିଜକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବୋଲି ପରିଚୟ ଦେଇ ତାଙ୍କ ପୁଅ ଏବଂ ଅନ୍ୟ ୫ ଜଣ ସମ୍ପର୍କୀୟଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲା। ଏହି ବାବଦକୁ ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ନଗଦ ଟଙ୍କା ଏବଂ ବ୍ୟାଙ୍କ ଟ୍ରାଞ୍ଜାକସନ୍ ମାଧ୍ୟମରେ ମୋଟ ୪୪ ଲକ୍ଷ ୭୬ ହଜାର ୫୦୦ ଟଙ୍କା ଅଭିଯୁକ୍ତକୁ ଦେଇଥିଲେ। ଦୀର୍ଘ ଦିନ ପରେ ମଧ୍ୟ ଚାକିରି ନମିଳିବାରୁ ଅଭିଯୋଗକାରୀ ଟଙ୍କା ଫେରସ୍ତ ମାଗିଥିଲେ। ଟଙ୍କା ଫେରାଇବା ବଦଳରେ ରସୁଲଗଡ଼ ଦୁର୍ଗା ମଣ୍ଡପ ନିକଟରେ ଅଭିଯୁକ୍ତ ଓ ତା'ର ସହଯୋଗୀମାନେ ଅଭିଯୋଗକାରୀଙ୍କୁ ଘେରିଯାଇ ପୋଲିସରେ ଅଭିଯୋଗ କଲେ ତାଙ୍କୁ ଓ ତାଙ୍କ ପରିବାରକୁ ଅପହରଣ କରିବା ସହ ଏସିଡ୍ ପକାଇ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ମଞ୍ଚେଶ୍ୱର ପୋଲିସ ଘଟଣାର ତଦନ୍ତ କରି ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରିଛି। ଯାଞ୍ଚ ରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତ ଜିତେନ୍ଦ୍ର ଜଣେ ପେସାଦାର ଠକ ଏବଂ ତା' ନାମରେ ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ସମାନ ଧରଣର ଏକ ଠକେଇ ମାମଲା ରହିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ସେ ଏଭଳି ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି।

## ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଗିରଫ

### ନଗଦ ୩୦ହଜାର ଟଙ୍କା ଓ ସୁନା ଚେନ୍ ଜବତ

ଭୁବନେଶ୍ୱର(ନି.ପ୍ର): ନୟାପଲ୍ଲୀ ଥାନା ପୋଲିସ ଚେନ୍ ? ଲୁଟେରା ଗ୍ୟାଙ୍ଗର ଜଣେ ମାଷ୍ଟରମାଇଣ୍ଡକୁ ସୋମବାର ଗିରଫ କରିବାରେ ସଫଳ ହୋଇଛି। ଗିରଫ ଲୁଟେରାଙ୍କ ନାମ ମୁନା ପରିଡ଼ା ଓ ତାଙ୍କ ଘର ଖୋର୍ଦ୍ଧା ବେଗୁନିଆରେ ବୋଲି ଜଣାପଡ଼ିଛି। ଏନେଇ ବିଦ୍ୟୁତପ୍ରଭା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତ ଜୁଲାଇ ୭ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀ ସ୍ୱାମୀଙ୍କ ସହ ବାଇକରେ ଭୁବନେଶ୍ୱର ଆସୁଥିଲେ। ଫାୟାର ଷ୍ଟେସନ୍ ଛକରୁ ସିଆରପି ଛକ ମଧ୍ୟରେ ଦୁଇ ଜଣ ଲୁଟେରା ଏକ ପଲସର ବାଇକ୍ ରେ ଆସି ହଠାତ୍ ତାଙ୍କ ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଇ ରସୁଲଗଡ଼ ଆଡ଼କୁ ଫେରାର ହୋଇଯାଇଥିଲେ। ବ୍ୟାଗ୍ ରେ ୫୦ ହଜାର ଟଙ୍କା, ସୁନା ଚେନ୍, ସୁନା ମୁଦି, କାନଫୁଲ, ରୁପା ପାଉଁଜି ଏବଂ ମୋବାଇଲ୍ ସମେତ ଅନ୍ୟାନ୍ୟ କାଗଜପତ୍ର ଥିଲା। ନୟାପଲ୍ଲୀ ପୋଲିସର ତଦନ୍ତରୁ ଖୋର୍ଦ୍ଧା ଅଞ୍ଚଳରୁ ପରିଚାଳିତ ଏକ ବଡ଼ ଆନ୍ତଃ-ଜିଲ୍ଲା ଲୁଟେରା ଗ୍ୟାଙ୍ଗ୍ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପୂର୍ବରୁ ଗତ ୧୭ ତାରିଖରେ ଏହି ଗ୍ୟାଙ୍ଗର ୨ ମୁଖ୍ୟ ସଦସ୍ୟ ଦିପୁ ଓ ମଳୟ ଗିରଫ ହୋଇସାରିଥିବା ବେଳେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧.୪୫ ମିନିଟରେ ନୟାପଲ୍ଲୀ ଓଭରବ୍ରିଜ୍ ନିକଟରେ ଚେକିଂ କରୁଥିବା ବେଳେ ପୋଲିସ ଉକ୍ତ ଗ୍ୟାଙ୍ଗର ଅନ୍ୟତମ ମାଷ୍ଟରମାଇଣ୍ଡ ମୁନା ପରିଡ଼ାକୁ ଠାବ କରିଥିଲା। ସେ ଏକ ନମ୍ବରବିହୀନ ନାଲି ଓ କଳା ରଙ୍ଗର ପଲସର ବାଇକ୍ ରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାକୁ କାବୁ କରିବାରେ ସଫଳ ହୋଇଛି।

## ରେଳ ବିଭାଗରରେ ଚାକିରି ଦେବା ନାଁରେ ୧ କୋଟି ଟଙ୍କା, ଠକ ଗିରଫ

### ମନ୍ତ୍ରୀଙ୍କ କମିଶନ କହି ଟଙ୍କା ଠକିଥିଲା

ଭୁବନେଶ୍ୱର(ନି.ପ୍ର): ରେଳ ବିଭାଗରେ ଚାକିରୀ ଦେବାକୁ କହି ୧ କୋଟି ୧୩ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସୋମବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ରୋହିତ କୁମାର ପଣ୍ଡା ଓରଫ ଟିଟୁ (୫୩) ଓ ତାଙ୍କ ଘର ରାୟଗଡ଼ ଜିଲ୍ଲା ଗୁଣପୁରରେ ହୋଇଥିବା ବେଳେ ସେ ବର୍ତ୍ତମାନ ବଡ଼ଗଡ଼ ବ୍ରିଟ୍ କଲୋନୀରେ ରହୁଥିବା ଜଣାପଡ଼ିଛି। ଏନେଇ ସୁବାସିନୀ ଲେଙ୍କା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁନ ୨୦ ତାରିଖରେ ମୁଖ୍ୟ ଅଭିଯୁକ୍ତ ରୋହିତ କୁମାର ପଣ୍ଡା ଏବଂ ତା'ର ସହଯୋଗୀମାନେ ଅଭିଯୋଗକାରିଣୀଙ୍କ ଘରକୁ ଆସି ମନ୍ତ୍ରୀ ଓ ବଡ଼ ଅଧିକାରୀଙ୍କ ସହ ତାଙ୍କର ସମ୍ପର୍କ ଅଛି ବୋଲି କହିଥିଲେ। ଅଭିଯୋଗକାରିଣୀଙ୍କ ଦୁଇ ପୁଅଙ୍କୁ ରେଳ ବିଭାଗରେ ଚାକିରି କରାଇଦେବା ବାବଦକୁ ସେମାନେ ଜଣପିଛା ୬୦ ଲକ୍ଷ ହିସାବରେ ମୋଟ ୧ କୋଟି ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଅଭିଯୋଗକାରିଣୀ ଏବଂ ତାଙ୍କର ଅବସରପ୍ରାପ୍ତ ଶିକ୍ଷକ ସ୍ୱାମୀ ନିଜ ସମ୍ପର୍କୀୟଙ୍କ ଠାରୁ ଧାର ଉଧାର କରି ନଗଦ ୧ କୋଟି ୧୩ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ (ମନ୍ତ୍ରୀଙ୍କ କମିଶନ ନାଁ କହି ଅଭିଯୁକ୍ତ ବ୍ୟାଙ୍କ ଟ୍ରାଞ୍ଜାକସନ୍ ବଦଳରେ ନଗଦ ଟଙ୍କା ନେଇଥିଲା)। ବାକି ୭ ଲକ୍ଷ ଟଙ୍କା ପରେ ଦେବାକୁ ସ୍ଥିର ହୋଇଥିଲା। ଦୀର୍ଘ ଦିନ ପରେ ମଧ୍ୟ ଚାକିରି ନମିଳିବାରୁ ଅଭିଯୋଗକାରିଣୀ ଟଙ୍କା ଫେରସ୍ତ ମାଗିଥିଲେ। ଅଭିଯୁକ୍ତ ଟଙ୍କା ବଦଳରେ ରାୟଗଡ଼ା ପଦ୍ମପୁର ସ୍ଥିତ ନିଜର ଏକ ୫୫ ଲକ୍ଷ ଟଙ୍କାର ଜମି ରେଜିଷ୍ଟ୍ରି କରିଦେବାର ଚୁକ୍ତିନାମା କରିଥିଲା ଏବଂ ବାକି ୫୯ ଲକ୍ଷ ଟଙ୍କାର ୫ଟି ଚେକ୍ ଦେଇଥିଲା। ମାତ୍ର ସେ ଜମି ରେଜିଷ୍ଟ୍ରି କରିନଥିଲା କିମ୍ବା ଚେକ୍ ଗୁଡ଼ିକ ବ୍ୟାଙ୍କରେ ବାଉନ୍ସ ହୋଇଯାଇଥିଲା। ପରେ ନିଜର ଠକେଇ ଟଙ୍କା ମାଗିବାରୁ ଅଭିଯୁକ୍ତ ଓଲଟା ଅଭିଯୋଗକାରିଣୀଙ୍କ ଘରେ ପଶି ସେମାନଙ୍କୁ ଜୀବନରୁ ମାରିଦେବା ସହ ମିଥ୍ୟା ମାମଲାରେ ଫସାଇଦେବାର ଧମକ ଦେଇଥିଲା। ଭରତପୁର ପୋଲିସ ରାୟଗଡ଼ାର ଥେରୁବାଲି ଫାଣ୍ଡି ପୋଲିସର ସହାୟତାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ରୋହିତକୁ ଠାବ କରି କାବୁ କରିଛି।

## ୧୨ ପେଟି ଆସ୍କା ୪୦, ଅଟୋ ଓ ନଗଦ ଟଙ୍କା ଜବତ: ଜଣେ ଗିରଫ




କଟକ(ନିପ୍ର): ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ପୋଲିସ ଗୋଟିଏ ଅଟୋ, ୧୨ଟି ପେଟିରେ ଥିବା ୩ ହଜାର ବୋତଲ ଆସ୍କା ୪୦ ଦେଶୀ ମଦ ଓ ନଗଦ ୩୦ ହଜାର ୩୬୦ ଟଙ୍କା ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଗତପୁର ଥାନା ଅନ୍ତର୍ଗତ ତାଳବଣିଆର ଅଜୟ କୁମାର ଦାସ (୪୧)। ମିଳିଥିବା ସୂଚନା ଅନୁଯାୟୀ ରବିବାର ଅପରାହ୍ନ ସାଢେ ଗୋଟାଏ ବେଳେ ପାଗା ଫାଣ୍ଡି ଅଧିକାରୀ ଡି ସୋମେଶ୍ୱରୀ ରାଓ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଅଟୋ (ଓଡି୦୫ସି ୪୬୨୫)ରେ ବିପୁଳ ପରିମାଣର ଆସ୍କା ୪୦ ଦେଶୀ ମଦ ଜରିପଡ଼ିଆ ଛକରୁ ମହାଜନପୁରକୁ ଚାଲାଣ ହେଉଥିବା ନେଇ ଖବର ପାଇଥିଲେ। ସେ ସଦଳବଳେ ମହାଜନପୁର ବାଲିସାହି ଛକରେ ଅଟୋକୁ ଅଟକାଇ ଥିଲେ। ଡ୍ରାଇଭର ପୋଲିସକୁ ଦେଖି ପଳାଉଥିବା ବେଳେ ତାକୁ ଅଟକାଇ ତା ନିକଟରୁ ମଦ, ଅଟୋ ଓ ନଗଦ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଫେସବୁକ୍ ଲାଇଭ୍‌କୁ ନେଇ ତୁମୁଳକାଣ୍ଡ, ରାଜଧାନୀରେ ଫାଙ୍କା ଗୁଳିଚାଳନା

ଭୁବନେଶ୍ୱର(ନି.ପ୍ର): ପାର୍ବଣ ଋତୁରେ ରାଜଧାନୀର ଘାଟିକିଆ ଅଞ୍ଚଳରେ ଗୁଳିକାଣ୍ଡକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ଏକ ଫେସବୁକ୍ ଲାଇଭ୍କୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହେବା ସହ ୨ ରାଉଣ୍ଡ ବ୍ଲାଙ୍କ ଫାୟାରିଂ ହୋଇଥିବା ସୂଚନା ମିଳିଛି । ମାଡ଼ପିଟ ଓ ମରଣାନ୍ତକ ଆକ୍ରମଣରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ ସିସିଟିଭି ଯାଞ୍ଚ କରିବା ସହ ମାମଲାର ଛାନ୍‌ଭିନ୍ ଚଳାଇଛି । ସୂଚନା ଅନୁସାରେ, ଗତକାଲି ଜଣେ ଯୁବକ ଫେସବୁକ୍ ଲାଇଭ୍ କରି ଏକ ମାମଲା ସଂକ୍ରାନ୍ତରେ ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ପରେ ଉକ୍ତ ଭିଡିଓଟି ଭାଇରାଲ ହୋଇଥିଲା । ଏହାକୁ ନେଇ ଅପରପକ୍ଷ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତିରେ ଘାଟିକିଆରେ ପହଞ୍ଚିଥିବା ଜଣାପଡ଼ିଛି ।ସେହି ସମୟରେ ଘାଟିକିଆରେ ଗଣେଶ ପୂଜା ବିସର୍ଜନ ଚାଲିଥିବାରୁ ପେଣ୍ଡାଲ ନିକଟରେ ବହୁ ଯୁବକ ଉପସ୍ଥିତ ଥିଲେ । ଫେସବୁକ୍ ଲାଇଭ୍କୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ପ୍ରଥମେ ବଚସା ଏବଂ ପରେ ଗଣ୍ଡଗୋଳ ଓ ମାଡ଼ପିଟ ଆରମ୍ଭ ହୋଇଥିଲା । ବାହାରୁ ଆସିଥିବା କିଛି ବ୍ୟକ୍ତି ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିବା ସହ କିଛି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ୫ ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଜବତ କରି ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ଧରିବା ପାଇଁ ଛାନଭିନ ଜାରି ରଖିଛି।

## ବାଇକ ଚୋରି କରି ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ବାଇକ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସୋମବାର ଜଣେ ଚୋରକୁ ଗିରଫ କରିଛି। ଗିରଫ ଚୋରର ନାମ ମଙ୍ଗୁ ପ୍ରଧାନ (୪୪) ଓ ତାଙ୍କ ଘର ଜାଗମରାରେ ବୋଲି ଜଣାପଡ଼ିଛି। ଏନେଇ ଶମ୍ଭୁ ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଶନିବାର ରାତି ପ୍ରାୟ ୧୦ ଟାରୁ ୧୧ ମଧ୍ୟରେ ଅଭିଯୋଗକାରୀ ନିଜ ଭିଣୋଇଙ୍କ ବାଇକ୍ ଧରି ଜଣେ ସମ୍ପର୍କୀୟଙ୍କୁ ଆଣିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡ ଯାଇଥିଲେ। ସେ ବସଷ୍ଟାଣ୍ଡ ବାହାରେ ବାଇକ୍ଟିକୁ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳକୁ ଦେଖିଲେ ଯେ ତାଙ୍କ ବାଇକଟି ସେଠାରେ ନାହିଁ। ବହୁ ଖୋଜାଖୋଜି ପରେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ମଙ୍ଗୁଲୁ ପ୍ରଧାନକୁ କାବୁ କରିଛି। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଛି।

### ଗଣେଶ ଭସାଣିରେ ଅଘଟଣ

## ତାଳଦଣ୍ଡା କେନାଲରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ(ନିପ୍ର): କଟକରେ ରବିବାର ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ବେଳେ ଘଟିଥିଲା ଏକ ଅଘଟଣ । ମୂର୍ତ୍ତି ବିସର୍ଜନ ବେଳେ ତାଳଦଣ୍ଡା କେନାଲରେ ଜଣେ ଯୁବକ ଭାସିଯାଇଥିଲେ। ଭାସିଯାଇଥିବା ଯୁବକଙ୍କ ମୃତଦେହ ସୋମବାର ସକାଳେ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ତିନି ଘରିଆ ଅଞ୍ଚଳର ରଂଜିତ କୁମାର ନାଟିଆ (୨୩) ବୋଲି ଜଣାପଡ଼ିଛି । ଗତକାଲି ରାତିରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ତାଳଦଣ୍ଡା କେନାଲରେ ଯୁବକ ଜଣକ ଭାସିଯାଇଥିଲେ । ଘଟଣା ପରେ ତୁରନ୍ତ ଅଗ୍ନିଶମ ବାହିନୀ ପକ୍ଷରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ । ତେବେ ରାତିରେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ସୋମବାର ସକାଳୁ ପୁଣିଥରେ ତାଳଦଣ୍ଡା କେନାଲରେ ସର୍ଚ୍ଚ ଅପରେସନ ଜୋରଦାର ଆରମ୍ଭ କରିଥିଲା ଅଗ୍ନିଶମ ବାହିନୀ । ଶେଷରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଗଣେଶ ଭସାଣିର ଖୁସି ଭିତରେ ଏଭଳି ଅଘଟଣକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭାଲୁ ଆକ୍ରମଣରେ ୨ ଗୁରୁତର



ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଘୁସରାମାଲ ଗ୍ରାମ ନିକଟ ଜଙ୍ଗଲରେ ଭାଲୁ ଆକ୍ରମଣରେ ଦୁଇ ଗୁରୁତର ଜଣେ ଆହତ ହୋଇଛନ୍ତି। ଗୁରୁତର ହେଲେ ୫୮ ବର୍ଷ ସରଧା ରାଉଳ, ଛାତ୍ର ସୌରଭ ପ୍ରଧାନ(୧୪) । ହେଲେ ଆହତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ଦୁଇ ଗୁରୁତରଙ୍କୁ ରେଢ଼ାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଛି । ସୋମବାର ସକାଳେ ସରଧା ରାଉଳ ନିଜ ଚାଷଜମିକୁ ଯାଇଥିବା ବେଳେ ହଠାତ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ତାଙ୍କ ଆକ୍ରମଣ କଲାପରେ ଭାଲୁଟି ପାଖ ଜଙ୍ଗଲକୁ ଶୌଚ ପାଇ ଯାଇଥିବା ସୌରଭକୁ କାମୁଡ଼ିଥିଲା। ହେଲେ ତାଙ୍କ ସହିତ ମାମୁଁ ଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲା। ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣା ପରେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଲୋକଙ୍କୁ ଜଙ୍ଗଲକୁ ଏକୁଟିଆ ନଯିବାକୁ ସତର୍କ କରାଯାଇଛି।

## ଫତେଗଡ଼ ଥାନା ଅଞ୍ଚଳରେ ଦୁଇ ଅପମୃତ୍ୟୁ

ଭାପୁର(ନିପ୍ର): ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମ ମାଳିସାହିର ଅଭିରାମ ମହାପାତ୍ରଙ୍କ ପୁଅ ଅମିତ ମହାପାତ୍ର (କାହ୍ନା,୨୨)ରବିବାର ରାତ୍ରିରେ ଗଣେଶ ମେଢ଼ ବିସର୍ଜନ କରି ବିଳମ୍ବିତ ସମୟରେ ଘରକୁ ଆସି ଶୋଇଥିଲେ। ସକାଳୁ ଉଠିବା ବିଳମ୍ବ ଦେଖି ପରିବାର ପକ୍ଷରୁ କବାଟ ଖୋଲି ଦେଖିଲେ ସେ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଛନ୍ତି। ରଶି ଖୋଲି ଅମିତଙ୍କୁ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟକୁ ଆଣିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରି ସ୍ଥାନୀୟ ଆଉଟପୋଷ୍ଟକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲେ। ସେହିପରି ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗ୍ରାମର ସୁରେଶ ପଣ୍ଡା (୫୦) ଭୋଜି ଖାଇ ଅସୁସ୍ଥ ହୋଇ ଶୋଇଥିବାବେଳେ ରବିବାର ରାତ୍ରୀ ଗଣେଶ ମେଢ଼ ବିସର୍ଜନର ଡିଜେ ଭାଇବ୍ରେଟ ସାଉଣ୍ଡରେ ହୃଦଘାତ ହୋଇ ଦୁଇଟି ରକ୍ତବାନ୍ତି ହୋଇ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

### ସୋନପୁରରେ ବନ୍ଧୁକ ମୁନରେ ଲୁଟ୍

## ୨ ଅଭିଯୁକ୍ତ ଗିରଫ, ନଗଦ ଟଙ୍କା ଓ ବାଇକ ଜବତ



ସୋନପୁର(ନିପ୍ର): ସୋନପୁର ପୋଲିସ ଏକ ରାସ୍ତା ଲୁଟ୍ ମାମଲାର ପର୍ଦ୍ଦାଫାସ୍ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ନଗଦ ଟଙ୍କା, ମୋବାଇଲ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ଗତ ୧୦.୦୯.୨୦୨୪ ରିଖ ସକାଳ ପ୍ରାୟ ୮.୩୦ ମିନିଟ୍ ସମୟରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ଲୋକାପଡ଼ା ଗ୍ରାମର ବିକାଶ ସାହୁ (୨୮) ନିଜ କାମ ପାଇଁ ସୋନପୁର ଆସୁଥିଲେ। ସେହି ସମୟରେ ହରଡ଼ଖୋଲ-ବୈଦ୍ୟନାଥ ରାସ୍ତାରେ ଲିମନ ପାଢ଼ୀ, ପ୍ରବୀଣ ମେହେର ଏବଂ ଦୀପକ ବେହେରା ତାଙ୍କୁ ବାଟରେ ଅଟକାଇଥିଲେ। ଅଭିଯୁକ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କୁ ଧମକ ଦେବା ସହ ମାଡ଼ ମାରିଥିଲେ ଏବଂ ଜୋରଜବରଦସ୍ତି ତାଙ୍କ ନିକଟରୁ ନଗଦ ୨,୫୦୦ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗକାରୀ ବିକାଶ ସାହୁ ଗତ ୧୧.୦୯.୨୦୨୪ ରିଖ ରାତି ୮.୧୦ ମିନିଟରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ ୩୨୩, ଧାରା ୩୦୯(୬) ୨୫/୨୭ ଆର୍ମସ୍ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରିଥିଲା ଏବଂ ଏହାର ତଦନ୍ତ ଦାୟିତ୍ୱ ଏସ.ଆଇ. ଆରକେ. ବାରିକଙ୍କୁ ପ୍ରଦାନ କରାଯାଇଥିଲା। ତଦନ୍ତ ସମୟରେ ପୋଲିସ ଗୋଟିଏ ଓପୋ ମୋବାଇଲ୍, ଗୋଟିଏ ସାମସଙ୍ଗ ମୋବାଇଲ୍, ନଗଦ ୧୭,୦୦୦ ଟଙ୍କା ଏବଂ ଗୋଟିଏ ନୀଳ ରଙ୍ଗର ଟିଭିଏସ୍ ଆପାଚି ମୋଟରସାଇକେଲ ଯାହାର ରେଜିଷ୍ଟ୍ରେସନ ନଂ ଓଡି-୩୧-ଏଲ - ୪୬୭୦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ୨୦.୦୯.୨୦୨୪ ରିଖରେ ପୋଲିସ ଗିରଫ କରି ଅଦାଲତକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସୋନପୁର ଥାନା ଅନ୍ତର୍ଗତ ବୈଦ୍ୟନାଥ ଗ୍ରାମର ଲୋକନାଥ ପାଢ଼ୀଙ୍କ ପୁଅ ଲିମନ ପାଢ଼ୀ (୨୪) ସୋନପୁର ଥାନା ଅନ୍ତର୍ଗତ ହରଡ଼ଖୋଲ ଗ୍ରାମର ଧୁବା ମେହେରଙ୍କ ପୁଅ ପ୍ରବୀଣ ମେହେର (୩୧)। ସୁବର୍ଣ୍ଣପୁର ଜିଲ୍ଲାର ଲିମନ ପାଢ଼ୀଙ୍କ ନାମରେ ପୂର୍ବରୁ ବହୁତ ଗୁଡିଏ ଅପରାଧିକ ମାମଲା ଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଯାତ୍ରୀବାହୀ ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ




କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ପତ୍ରାପାଲିଠାରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ କୁଚିଣ୍ଡା ଥାନା ପାରୁଆଭାଡି ପଞ୍ଚାୟତ ସାନଜଟିଆପାଲି ଗ୍ରାମର ବିକ୍ରମ ବାଦୀ(୪୫)। ପୋଲିସ ଏନେଇ କୁଚିଣ୍ଡା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘରୋଇ ବସ୍ (ନଂ.ଓଡି ୧୪ୟୁ ୭୩୧୩)କୁ ଜବତ କରି ତଦନ୍ତ ଚଳାଇଛି। କୁଚିଣ୍ଡା ପୋଲିସ ମୃତଦେହକୁ ଜବତ କରି କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ମୃତ ବିକ୍ରମ ବାଦୀ ସୋମବାର ସକାଳୁ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ କୁଚିଣ୍ଡାକୁ ସାଇକେଲରେ ଯାଉଥିଲେ। ପତ୍ରାପାଲି ବଉଳ ଗଛ ଛକରେ ରାସ୍ତାକଡ଼ରେ ସାଇକେଲ ରଖି କୌଣସି କାମରେ ଛିଡ଼ା ହୋଇଥିଲେ। ସକାଳ ପ୍ରାୟ ୮ଟା ୧୫ରେ ରାଉରକେଲାରୁ କୁଚିଣ୍ଡା ଯାଉଥିବା ନେହା ନାମକ ଏକ ଘରୋଇ ବସ୍ ତାଙ୍କୁ ସମ୍ମୁଖପଟୁ ଧକ୍କା ଦେଇଥିଲା। ଫଳରେ ବିକ୍ରମ ତଳେ ପଡିଯାଇ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୁରୁଣା ମାମଲା ହଟାଇବାକୁ ଧମକ

## ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କ ବିରୋଧରେ ପୁଣି ଏତଲା

କଟକ(ନିପ୍ର): ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ପୁଣି ସାଂଘାତିକ ଅଭିଯୋଗ କରିଛନ୍ତି । ତାଙ୍କୁ ପୁରୁଣା ମାମଲା ହଟାଇବାକୁ ଚାପ ଓ ଧମକ ଦିଆଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି । ଚୌଦ୍ୱାର ଥାନାରେ ରୁଜୁ ହୋଇଥିବା ଏକ ମାମଲାକୁ ନେଇ ନୂଆ ଅଭିଯୋଗ ସାମ୍ନାକୁ ଆସିଛି । ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନା ଆଇଆଇସିଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦେଇ, ପୂର୍ବରୁ ଦାଖଲ କରିଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ତାଙ୍କ ଉପରେ ଚାପ ଓ ଧମକ ଦିଆଯାଉଥିବା ଦାବି କରିଛନ୍ତି । ଅଭିଯୋଗପତ୍ର ଅନୁସାରେ, ଅଭିଯୁକ୍ତ ସୁଜିତ କୁମାର ରାଉଳ ନିଜର ବିଭାଗୀୟ ଅଧିକାରୀ, କର୍ମୀ ଓ ବାହ୍ୟ ସମ୍ପର୍କକୁ ବ୍ୟବହାର କରି ତାଙ୍କ ପୂର୍ବ ଅଭିଯୋଗ ହଟାଇବା ପାଇଁ ରାଜି କରାଇବାକୁ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ପ୍ରତ୍ୟାହାର କଲେ ପୁନଃନିଯୁକ୍ତି କିମ୍ବା ପୋଷ୍ଟିଂ ସମ୍ପର୍କିତ କିଛି ବିଭାଗୀୟ ସୁବିଧା ବିଚାର କରାଯିବ ବୋଲି ତାଙ୍କୁ କୁହାଯାଇଥିବା ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତେବେ ସେ କୌଣସି ବ୍ୟକ୍ତିଗତ କିମ୍ବା ଅନ୍ୟ ଉଦ୍ଦେଶ୍ୟରେ ପୂର୍ବ ଅଭିଯୋଗ କରିନଥିବା ସ୍ପଷ୍ଟ କରିଛନ୍ତି । ମାମଲାର ତଦନ୍ତ ନିରପେକ୍ଷ ଭାବେ ହେବା ସହ ଘଟଣା ସମ୍ପର୍କରେ ଆଇନସମ୍ମତ ପଦକ୍ଷେପ ନେବାକୁ ସେ ପୋଲିସକୁ ଅନୁରୋଧ କରିଛନ୍ତି । ସେ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ନିଜ ପାଖରେ ଥିବା ଏ ସମ୍ପର୍କିତ ଦଲିଲ ଓ ତଥ୍ୟ ତଦନ୍ତକାରୀ ଅଧିକାରୀଙ୍କୁ ଦେବେ ବୋଲି ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ପୂର୍ବରୁ ସୁଜିତ କୁମାର ରାଉଳଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ନେଇ ଥାନାରେ ଅଭିଯୋଗ କରିଥିଲେ ସନ୍ତୋଷିନୀ।

### ପୋଲିସକୁ ବଡ଼ ସଫଳତା

## ୫୪୦ କେଜି ଗଞ୍ଜେଇ ଜବତ ସହ ୩ ଗିରଫ



ସୋନପୁର(ନିପ୍ର): ରାଜ୍ୟ ସରକାରଙ୍କ 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ ଅଧୀନରେ ସୁବର୍ଣ୍ଣପୁର ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପୋଲିସ ପକ୍ଷରୁ ଗୋଟିଏ ଦିନରେ ୩ଟି ଏନଡିପିଏସ ମାମଲା ରୁଜୁ କରାଯାଇଛି। ଏହି ସ୍ୱତନ୍ତ୍ର ଚଢ଼ାଉ ବେଳେ ସର୍ବମୋଟ ୫୪୦.୪୭ କେଜି ଗଞ୍ଜେଇ ସମେତ ୨ଟି ଚାରି ଚକିଆ ଗାଡ଼ି ଓ ଗୋଟିଏ ମୋଟର ସାଇକେଲ ଜବତ ହୋଇଛି। ବେଆଇନ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଇନାନୁଯାୟୀ କୋର୍ଟ ଚାଲାଣ କରିଛି। ବି.ଏମ୍.ପୁର ଥାନା କେସ୍ ନଂ- ୨୩୪/୨୬ରେ ଏକ ହ୍ୟୁଣ୍ଡାଇ କ୍ରେଟା ଓଡି -୧୭-ଏଫ-୭୭୧୭ ଗାଡ଼ିରୁ ୩୦୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଅଞ୍ଚଳର ଗାଡ଼ି ଚାଳକ ଅଭିଜିତ ସିଂ ଓରଫ୍ କ୍ରିସ୍ (୨୮) ଏବଂ ପିଣ୍ଟୁ ସାହୁ (୩୧)ଙ୍କୁ ଗିରଫ କରାଯାଇଛି। ରାମପୁର ଥାନା କେସ୍ ନଂ- ୨୧୦/୨୬ରେ ଏକ ହିରୋ ସୁପର ସ୍ପ୍ଲେଣ୍ଡର ବାଇକ୍ ଓଡି -୨୭-ଡି -୯୧୪୬ ରୁ ୩.୪୭୦ କେଜି ଗଞ୍ଜେଇ ଜବତ କରାଯିବା ସହ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତିଳପାଙ୍ଗା ଗାଁର ଶିବ ରଣା (୩୨)ଙ୍କୁ ପୋଲିସ ଗିରଫ କରିଛି। ସୁବଳୟା ଥାନା କେସ୍ ନଂ- ୧୬୫ରେ ଏକ ମାରୁତି ସୁଜୁକି ବ୍ରେଜା ଓଡି -୦୨-ବିଏମ -୫୪୪୯ କାରରୁ ବିପୁଳ ପରିମାଣର ଅର୍ଥାତ୍ ୨୩୭ କେଜି ଗଞ୍ଜେଇ ଜବତ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

**୨୦୨୬ରେ ସୁବର୍ଣ୍ଣପୁର ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ରେକର୍ଡ ଜବତ:** ଚଳିତ ୨୦୨୬ ମସିହାରେ ବର୍ଦ୍ଧିତ ନିଶା କାରବାର ଉପରେ ସୁବର୍ଣ୍ଣପୁର ପୋଲିସର କଡ଼ା ପ୍ରହାର ଜାରି ରହିଛି। ଆଜି ସୁଦ୍ଧା ଜିଲ୍ଲାରେ ସର୍ବମୋଟ ୧୨୬ଟି ଘଉଚଝ କେସ୍ ରୁଜୁ ହୋଇଥିବା ବେଳେ ୧୮୯ ଜଣ ଅଭିଯୁକ୍ତ ଗିରଫ ହୋଇ ଜେଲ୍ ଯାଇଛନ୍ତି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଠାରୁ ନଗଦ ୬,୩୧,୪୩୦ ଟଙ୍କା ମଧ୍ୟ ଜବତ ହୋଇଛି। ବର୍ଷକ ଭିତରେ ଜିଲ୍ଲାରୁ ସର୍ବମୋଟ ୯୧୦୫.୭୭୯ କେଜି ଗଞ୍ଜେଇ, ୨୦,୯୮୫ ବୋତଲ କଫ୍ ସିରପ୍ ଏବଂ ୧୫,୩୧୮ ଅଫିମ ଗଛ ଜବତ ହୋଇଥିବା ବେଳେ ନିଶା ଚୋରାଚାଲାଣରେ ବ୍ୟବହୃତ ୫୪ଟି ଚାରି ଚକିଆ ଓ ୬୭ଟି ବାଇକ୍ ସିଜ୍ କରାଯାଇଛି। ପୋଲିସର ଆକଳନ ଅନୁଯାୟୀ, ୨୦୨୬ରେ ଜବତ ହୋଇଥିବା ମୋଟ ମାଦକ ଦ୍ରବ୍ୟର ସରକାରୀ ମୂଲ୍ୟ ୧୭,୨୮,୯୪,୦୪୦ (୧୭ କୋଟି ୨୮ ଲକ୍ଷରୁ ଊର୍ଦ୍ଧ୍ୱ) ଟଙ୍କା ରହିଥିବାବେଳେ, ଖୋଲା ବଜାରରେ ଏହାର ମୂଲ୍ୟ ୯୯,୭୬,୬୦,୪୦୦ (୯୯ କୋଟି ୭୬ ଲକ୍ଷରୁ ଊର୍ଦ୍ଧ୍ୱ) ଟଙ୍କାରୁ ଅଧିକ ହେବ। ନିଶାଦ୍ରବ୍ୟର ବେଆଇନ କାରବାର ବିରୋଧରେ ସୁବର୍ଣ୍ଣପୁର ପୋଲିସର ଏହି ସ୍ୱତନ୍ତ୍ର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜୋରଦାର ରହିବ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ମହିଳାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ମାମଲାରେ ଅଭିଯୁକ୍ତ ଗିରଫ




ଅନୁଗୋଳ: ମହିଳାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ସୋମବାର ଅନୁଗୋଳ ପୋଲିସ ଶୁଭରାଜ ମାଝୀ (୪୧)ଙ୍କୁ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୭୫/୭୯/୧୯୬/୨୯୪(୨)/୨୯୬/୩୫୧(୨)/୩୫୬(୨), ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ଧାରା ୬୭ ଏବଂ ୧୯୮୬ରେ ଧାରା ୩/୪ ଅନୁଯାୟୀ ରୁଜୁ ହୋଇଛି। ଲିଖିତ ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ଏହି ମାମଲାରେ ସୋସିଆଲ୍ ମିଡିଆ ମାଧ୍ୟମରେ ଆପତ୍ତିଜନକ, ଅଶ୍ଳୀଳ, ଅପମାନଜନକ ଏବଂ ଧମକପୂର୍ଣ୍ଣ ବିଷୟବସ୍ତୁ ପୋଷ୍ଟ/ପ୍ରସାରଣ କରାଯାଇଥିବା ଅଭିଯୋଗ ରହିଛି। ଏଥିରେ ରକ୍ତଦାନ ଏବଂ ଦୀପ ପ୍ରଜ୍ୱଳନ ସମ୍ପର୍କିତ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୋସିଆଲ୍ ମିଡିଆରେ ପ୍ରସାରିତ ବିଷୟବସ୍ତୁରେ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ବ୍ୟକ୍ତି/ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା ଭଳି ଗୁରୁତର ଧମକ ମଧ୍ୟ ଦିଆଯାଇଥିବା ଅଭିଯୋଗ ରହିଛି। ଅଭିଯୁକ୍ତ ଶୁଭରାଜ ମାଝୀଙ୍କୁ ୨୧.୦୯.୨୦୨୬ ତାରିଖରେ ଗିରଫ କରାଯାଇଛି। ଗିରଫର କାରଣ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇବା ସହିତ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରାଯାଇଛି ଓ ପରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ଅଦାଲତରେ ହାଜର କରାଯାଇଛି।

